

ଟିପ୍ପଣୀ

# ୨୫

# ଶୀତଳ ଯୁଦ୍ଧ ଏବଂ ଏହାର ରାଜନୀତି

ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ ଉକ୍ତ ଯୁଦ୍ଧର ମିତ୍ର ରାଷ୍ଟ୍ର ସଂଯୁକ୍ତ ରାଷ୍ଟ୍ର ଆମେରିକା ଏବଂ ସୋଭିଏତ୍ ଋଷ ମଧ୍ୟରେ ଶୀତଳ ଯୁଦ୍ଧର ଆରମ୍ଭ ହୋଇଥିଲା । ଯୁଦ୍ଧ ସମୟରେ ଉକ୍ତ ଦୁଇ ରାଷ୍ଟ୍ର ଜର୍ମାନୀ ଏବଂ ଇଟାଲୀର ଏକଛତ୍ର ଫାସୀବାଦ ଏବଂ ଜାପାନ ସାମ୍ରାଜ୍ୟକୁ ହରାଇବା ପାଇଁ ବ୍ରିଟେନ ଏବଂ ଫ୍ରାନ୍ସ ସହିତ ଏକତ୍ରିତ ହୋଇ ଯୁଦ୍ଧ କରିଥିଲେ । ୧୯୪୧ ମସିହାରେ ଏହି ଦୁଇ ରାଷ୍ଟ୍ର ଏକ ପାଞ୍ଚ ବର୍ଷିଆ ଅନାକ୍ରମଣ ଚୁକ୍ତିରେ ସ୍ୱାକ୍ଷର କରିଥିଲେ । ଫେବୃୟାରୀ ୧୯୪୫ରେ ହୋଇଥିବା ୟାଲ୍ଟା ସମ୍ମିଳନୀ ପର୍ଯ୍ୟନ୍ତ ଦୁଇ ଦେଶ ମଧ୍ୟରେ ସୌହାର୍ଦ୍ଦ୍ୟ ପୂର୍ଣ୍ଣ ସମ୍ପର୍କ ରହିଥିଲା । କିନ୍ତୁ ଖୁବ୍ ଶୀଘ୍ର ପରିସ୍ଥିତି ପରିବର୍ତ୍ତିତ ହୋଇ ଯାଇଥିଲା ଏବଂ ସଂଯୁକ୍ତ ରାଜ୍ୟ ଆମେରିକା ତଥା ସୋଭିଏତ୍ ସଂଘ ସମ୍ମୁଖରେ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ଯାହାକୁ ସାଧାରଣତଃ ଶୀତଳ ଯୁଦ୍ଧ କୁହାଯାଏ ।

**ଉଦ୍ଦେଶ୍ୟ**

ଏହା ପଢ଼ିବା ପରେ ତୁମେ:-

- ଶୀତଳ ଯୁଦ୍ଧର ଅର୍ଥ ବର୍ଣ୍ଣନା କରିପାରିବ
- ଶୀତଳ ଯୁଦ୍ଧର କାରଣମାନ ଉଲ୍ଲେଖ କରିପାରିବ
- ସଂଘର୍ଷର ବିଭିନ୍ନ ପରିସ୍ଥିତିର ଉଲ୍ଲେଖ କରିପାରିବ
- ଶୀତଳ ଯୁଦ୍ଧକୁ ନୂତନ ଶୀତଳ ଯୁଦ୍ଧ ସହିତ ତୁଳନା କରିପାରିବ

## ୨୫.୧ ଶୀତଳ ଯୁଦ୍ଧର ଅର୍ଥ

ଶୀତଳ ଯୁଦ୍ଧକୁ ନୂଆ ମହାଶକ୍ତିମାନଙ୍କ ମଧ୍ୟରେ ଶାନ୍ତି କାଳରେ ବିନା ଅସ୍ତ୍ରଶସ୍ତ୍ରରେ ହୋଇଥିବା ଯୁଦ୍ଧ ରୂପରେ ବର୍ଣ୍ଣନା କରାଯାଇଥାଏ । ଏହା ମହାଶକ୍ତିମାନଙ୍କ ମଧ୍ୟରେ "କୂଟନୈତିକ ଯୁଦ୍ଧ" ଥିଲା ଏବଂ ଅସ୍ତ୍ର ଶସ୍ତ୍ରର ଯୁଦ୍ଧ ନୁହେଁ । ଏହାର କାରଣ ହେଲା ଯେ ଏହା ବିଚାର ଧାରାରେ ଘୃଣା ଭାବ ତଥା ରାଜନୈତିକ ଅବିଶ୍ୱାସ ଉପରେ ଆଧାରିତ ହୋଇଥିଲା । ଫ୍ଲେମିଂ (Flaming)ଙ୍କ ଅନୁସାରେ "ଶୀତଳ ଯୁଦ୍ଧ ଏପରି ଏକ ଯୁଦ୍ଧ ଯାହାକି ଯୁଦ୍ଧ କ୍ଷେତ୍ରରେ ଲଢ଼ା ଯାଇ ନଥିଲା ବରଂ ଲୋକଙ୍କର ମସ୍ତିଷ୍କରେ ଲଢ଼ାଯାଇଥିଲା ଏବଂ ଜଣେ ଅନ୍ୟର ମସ୍ତିଷ୍କକୁ ନିୟନ୍ତ୍ରଣ କରିବା ପାଇଁ ଚେଷ୍ଟା ଚଳାଇଥିଲେ ।" ଶୀତଳ ଯୁଦ୍ଧ ଖୋଲା ପଡ଼ିଆ ଯୁଦ୍ଧ ଠାରୁ ଅନେକ ଭିନ୍ନ ହୋଇଥିଲା କାରଣ ଖୋଲା ଯୁଦ୍ଧରେ ଶତ୍ରୁ ବିଷୟରେ ପୂର୍ଣ୍ଣ ଭାବରେ ତଥ୍ୟ ଜଣା ପଡ଼ିଥାଏ ଏବଂ ଯୁଦ୍ଧ ମୁକ୍ତ ରଣାଙ୍ଗନରେ ହୋଇଥାଏ । ଶୀତଳ ଯୁଦ୍ଧରେ କୌଣସି ସମୟରେ ଯୁଦ୍ଧ ଘୋଷଣା କରା ଯାଇ ନଥାଏ ଏବଂ ଦେଶମାନଙ୍କ ମଧ୍ୟରେ କୁଟନୈତିକ ସମ୍ପର୍କକୁ ଚାଲୁ ରଖା ଯାଇଥାଏ । ଶୀତଳ ଯୁଦ୍ଧରେ ସେନା ସଂଘର୍ଷ ଏବଂ ଜୀବନ-ହାନୀ ହେଲେ ମଧ୍ୟ ଏହା



ଟିପ୍ପଣୀ

ଏକ ମନସ୍ତାତ୍ତ୍ୱିକ ଯୁଦ୍ଧ ଅଟେ ଯାହାର ଉଦ୍ଦେଶ୍ୟ ହେଲା ଶତ୍ରୁର ପ୍ରଭାବ କ୍ଷେତ୍ରକୁ କମାଇ ନିଜର ସମର୍ଥକମାନଙ୍କ ସଂଖ୍ୟା ବୃଦ୍ଧି କରବା ।

ଶୀତଳ ଯୁଦ୍ଧ ସଂଯୁକ୍ତ ରାଷ୍ଟ୍ର ଆମେରିକା ଏବଂ ସୋଭିଏତ୍ ସଂଘ ମଧ୍ୟରେ ଦ୍ୱି-ଧ୍ରୁବୀୟ ମୁହାଁମୁହିଁ ଯୁଦ୍ଧ ଥିଲା କିନ୍ତୁ ଏଥିରେ ମିତ୍ରରାଷ୍ଟ୍ର ଏବଂ ଦୁଇ ମହାଶକ୍ତିଙ୍କର ସହଯୋଗୀ ଏବଂ ଅଧିନସ୍ଥ ରାଷ୍ଟ୍ରମାନେ ମଧ୍ୟ ଯୋଗଦାନ କରଥିଲେ । ଶୀତଳ ଯୁଦ୍ଧ ହେଉଛି ଦୁଇ ବିଚାରଧାର ଏବଂ ଦୁଇ ଅଲଗା ଅଲଗା ରୂପେ ସଂଗଠିତ ଆର୍ଥିକ ବ୍ୟବସ୍ଥା ଏବଂ ସାମାଜିକ ସାମ୍ୟବାଦ ଓ ଉଦାର ପ୍ରଜାତନ୍ତ୍ର ତଥା ସମାଜବାଦୀ ନିୟନ୍ତ୍ରିତ ଅର୍ଥ ବ୍ୟବସ୍ଥା ତଥା ପୁଞ୍ଜିବାଦ ମଧ୍ୟରେ ସଂଘର୍ଷ ରୂପେ ବୁଝା ଯାଇଥାଏ । ଯଦିଓ ଇତିହାସ ପୃଷ୍ଠାରେ ଅନେକ ଦ୍ୱି-ଧ୍ରୁବୀୟ ବିରୋଧ ଦେଖିବାକୁ ମିଳେ ତଥାପି ଏହା ହେଉଛି ପ୍ରଥମ ଥର ପାଇଁ ଦୁଇଟି ଭିନ୍ନ ଭିନ୍ନ ରୂପି ସାମାଜିକ ସଂଗଠନ ବିଶ୍ୱର ବିକଳ୍ପୀୟ ଦୃଷ୍ଟି କୋଣକୁ ଲାଗୁ କରିବା ପାଇଁ ପ୍ରତିଦ୍ୱନ୍ଦୀ ହୋଇଥିଲେ ।

ବିଂଶ ଶତାବ୍ଦୀର ପ୍ରାରମ୍ଭରେ ସଂଯୁକ୍ତ ରାଷ୍ଟ୍ର ଆମେରିକା ଏବଂ ସୋଭିଏତ୍ ସଂଘ ଦ୍ୱୟ ହିଁ ମହାଶକ୍ତି ହେବା ପାଇଁ ଅଗ୍ରସର ହୋଇଥିଲେ । ମହା ମାନ୍ଦା ଅବସ୍ଥାର (Great Depression) ଠିକ୍ ପରେ ପରେ ୧୯୩୨ ମସିହାରେ ଉତ୍ପାଦନ କ୍ଷେତ୍ରରେ ବିଭିନ୍ନ ଦେଶମାନଙ୍କର ଅଂଶ ବା ତୁଳନାତ୍ମକ ଅଧ୍ୟୟନ ଦର୍ଶାଏ ଯେ ଆମେରିକା ପ୍ରାୟ ୩୨ ପ୍ରତିଶତ ଅଂଶ ସହିତ ବିବାଦ ଶୂନ୍ୟ ହୋଇ ଥିବା ବେଳେ ଋଷ ୧୧.୫ ପ୍ରତିଶତ ଅଙ୍କ ସହିତ ଦ୍ୱିତୀୟ ସ୍ଥାନରେ ଥିଲା । କିନ୍ତୁ ଅନ୍ୟ ଅଗ୍ରଣୀ ଦେଶ ବ୍ରିଟେନ୍ ୧୦.୯ ପ୍ରତିଶତ, ଜର୍ମାନୀ ୧୦.୬ ପ୍ରତିଶତ, ଫ୍ରାନ୍ସ ୬.୯ ପ୍ରତିଶତରେ ଥାଇ ବିଶେଷ ପଛୁଆ ନଥିଲେ । କିନ୍ତୁ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ ଜର୍ମାନୀ ଏବଂ ଜାପାନର ସୈନ୍ୟ ଶକ୍ତି ପରାଜିତ ହୋଇଥିଲା ଏବଂ ବ୍ରିଟେନ ତଥା ଫ୍ରାନ୍ସ ସମ୍ପୂର୍ଣ୍ଣ ଭାବେ ଶକ୍ତିହୀନ ହୋଇଯାଇଥିଲା । ତେଣୁ ବର୍ତ୍ତମାନ ଆମେରିକା ଏବଂ ଋଷ ଦୁଇ ଦେଶ ଏଭଳି ପରିସ୍ଥିତିରେ ରହି ମହାଶକ୍ତିରେ ପରିଣତ ହୋଇଥିଲେ । ଯୁଦ୍ଧ ଦ୍ୱାରା ଅନେକ ପରିମାଣରେ କ୍ଷତି ସହିବା ସତ୍ତ୍ୱେ ସୋଭିଏତ୍ ସଂଘ ନିଜର ସାମ୍ୟବାଦୀ ଅର୍ଥ ବ୍ୟବସ୍ଥା କାରଣରୁ କ୍ଷିପ୍ର ଗତିରେ ପ୍ରଗତି କରିପାରିଥିଲା । ଉକ୍ତ ଦୁଇ ରାଷ୍ଟ୍ରର ଦୃଢ ଗତିରେ ହେଉଥିବା ପ୍ରଗତିର ପରିଣାମ ସ୍ୱରୂପ ସେମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ବୃଦ୍ଧି ପାଇଥିଲା । ଏଥିପାଇଁ ଶୀତଳ ଯୁଦ୍ଧର ପ୍ରାରମ୍ଭ ହୋଇଥିଲା ।

ସୋଭିଏତ୍ ସଂଘ କୋମିନ୍ ଫର୍ମ (Cominform) (କମ୍ୟୁନିଷ୍ଟ ସୁଚନା ଦପ୍ତର), ରେଡିଓ ମସ୍କୋର ସ୍ଥାପନା କରିଥିଲା ଏବଂ ଅନ୍ୟ ଦେଶମାନଙ୍କରେ ଥିବା କେତେକ କମ୍ୟୁନିଷ୍ଟ ଦଳକୁ ମଧ୍ୟ ସମର୍ଥନ ପ୍ରଦାନ କରିଥିଲା । ସଂଯୁକ୍ତ ରାଷ୍ଟ୍ର ଆମେରିକାରେ ଭଏସ୍ ଅଫ୍ ଆମେରିକା (Voice of America) ନାମକ ରେଡିଓ ସମ୍ବାଦ କାର୍ଯ୍ୟକ୍ରମର ସ୍ଥାପନା କରିବା ସହିତ ଅନ୍ୟ ଦେଶଗୁଡିକରେ ଥିବା କମ୍ୟୁନିଷ୍ଟ ବିରୋଧୀ ରାଜନୈତିକ ଦଳମାନଙ୍କୁ ସମର୍ଥନ ପ୍ରଦାନ କରିଥିଲା ।

ଦୁଇ ଦେଶ ମଧ୍ୟରେ ଥିବା ଶତୃତା କ୍ରମେ ଦୁଇ ଦେଶ ଅନୁସରଣ କରୁଥିବା ବିଚାର ଧାରାରେ ମଧ୍ୟ ସଂଘର୍ଷ ସୃଷ୍ଟି କରିଥିଲା । ଏହି ବିଚାରଧାରାରୁ ଗୋଟାଏ ଥିଲା ରାଜନୈତିକ ଏବଂ ଆର୍ଥିକ ଉଦାରତାବାଦ ଯାହାକୁ ଆମେରିକା ଅନୁସରଣ କରୁଥିଲା ଏବଂ ଅନ୍ୟଟି ଥିଲା ମାର୍କ୍ସବାଦ-ଲେନିନବାଦ, ଯାହାକୁ ସୋଭିଏତ୍ ରୁଷ ଅନୁସରଣ କରୁଥିଲା ।





### ୨୫.୧-ପାଠଗତ ପ୍ରଶ୍ନ

୧. ଶୀତଳ ଯୁଦ୍ଧରେ କେଉଁ କେଉଁ ଦୁଇଟି ବିଚାର ଧାରା ମଧ୍ୟରେ ସଂଘର୍ଷ ଥିଲା।

୨. ଆମେରିକା ତଥା ଋଷ ଦ୍ୱାରା କି କି ସମ୍ବାଦ ସେବାଗୁଡିକର ସ୍ଥାପନ କରାଯାଇଥିଲା ?

## ୨୫.୨ ଶୀତଳ ଯୁଦ୍ଧର କାରଣମାନ

ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ ଆମେରିକା ଓ ଋଷ ମହାଶକ୍ତି ଦ୍ୱୟ ନିଜ ନିଜର ସ୍ଥିତି ଏବଂ ବିଚାର ଧାରାର ଆଧିପତ୍ୟ ସ୍ଥାପନ କରିବା ପାଇଁ ଚାହୁଁ ଥିଲେ ଏବଂ ଉକ୍ତ ସଂଘର୍ଷ ଅନ୍ତରାଷ୍ଟ୍ରୀୟ ସମ୍ପର୍କର କେନ୍ଦ୍ର ବିନ୍ଦୁ ହୋଇଥିଲା। ପରସ୍ପର ବିରୋଧିମାନେ ଦୁଇ ଭାଗରେ ସମବେତ ହେବାରୁ ମହାଶକ୍ତି ଦ୍ୱୟ ମଧ୍ୟରେ ପ୍ରତିଦ୍ୱନ୍ଦିତା ଆହୁରି ବୃଦ୍ଧି ପାଇଥିଲା। ଅଧିକାଂଶ ପାଶ୍ଚାତ୍ ଦେଶ ଆମେରିକାର ସମର୍ଥନରେ ଛିଡା ହୋଇ ସମାଜବାଦକୁ ଖୋଲା ଖୋଲି ଭାବରେ ବିରୋଧ କରିବାରେ ଲାଗି ପଡିଲେ। ପରମାଣୁ ଅସ୍ତ୍ର ତିଆରି କରିବା ପରେ ଆମେରିକାକୁ ମହାଶକ୍ତିର ଆଖ୍ୟା ମିଳିଥିଲା। ଋଷ ଖୁବ୍ ଶୀଘ୍ର ଆମେରିକାର ସ୍ଥିତିକୁ ଯୁଦ୍ଧ ପାଇଁ ଆହ୍ୱାନ ଦେଇ ତା'ର ପ୍ରତିଦ୍ୱନ୍ଦୀ ହିସାବରେ ଦଣ୍ଡାୟମାନ ହେଲା। ଏଥି ସହିତ ସେ ୧୯୪୯ ମସିହାରେ ପରମାଣୁ ଅସ୍ତ୍ରଶସ୍ତ୍ର ତିଆରି କରି ଆମେରିକାର ଆଧିପତ୍ୟକୁ ସମାପ୍ତ କରିଥିଲା।

ସୋଭିଏତ୍ ସଂଘ ଏବଂ ପାଶ୍ଚାତ୍ ଦେଶମାନଙ୍କ ମଧ୍ୟରେ ଏକ ଲମ୍ବା ସମୟ ଧରି ସନ୍ଦେହ ଏବଂ ଅବିଶ୍ୱାସ ଲାଗି ରହିଥିଲା। ସୋଭିଏତ୍ ସଂଘ ଏହା କେବେ ବି ଭୁଲି ପାରି ନଥିଲା ଯେ ପାଶ୍ଚାତ୍ ଦେଶମାନେ (ବ୍ରିଟେନ, ଫ୍ରାନ୍ସ ଏବଂ ଆମେରିକା) ବୋଲସେଭିକ ବିପ୍ଳବକୁ ବିଫଳ କରିବା ପାଇଁ ବହୁ ପ୍ରୟାସ କରିଥିଲେ ଏବଂ ଜାପାନ ସହିତ ଗୃହ ଯୁଦ୍ଧରେ ହସ୍ତକ୍ଷେପ କରିଥିଲା। ପାଶ୍ଚାତ ଦେଶମାନେ ଏକଥା ମଧ୍ୟ ଭୁଲି ପାରିନଥିଲେ ଯେ ସୋଭିଏତ୍ ସଂଘ ଦ୍ୱାରା ଘୋଷଣା କରାଯାଇଥିବା କଥାର ଉଦ୍ଦେଶ୍ୟ ଥିଲା ଯେ ସାରା ବିଶ୍ୱରୁ ପୁଞ୍ଜୀବାଦର ମୂଳକୁ ଉତ୍ପାଟନ କରିବା। ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ ପରସ୍ପର ମଧ୍ୟରେ ଥିବା ସନ୍ଦେହ ଅଧିକ ଘନିଭୂତ ହୋଇଥିଲା। ୧୯୪୧ ମସିହାରେ ଯେତେବେଳେ ଜର୍ମାନୀ ସୋଭିଏତ୍ ଋଷ ଆକ୍ରମଣ କଲା ସେତେବେଳେ ପାଶ୍ଚାତ ଗଣତାନ୍ତ୍ରିକ ରାଷ୍ଟ୍ରମାନେ ଜର୍ମାନୀ ବିରୁଦ୍ଧରେ ଦ୍ୱିତୀୟ ସାମୁଖ୍ୟ ସ୍ଥାପନରେ ବିଳମ୍ବ କରିଥିଲେ। ବ୍ରିଟେନ ଏବଂ ଆମେରିକା ଏହା କରିବା ପାଇଁ ପ୍ରତିଜ୍ଞାବଦ୍ଧ ହୋଇଥିଲେ ସୁଦ୍ଧା ଉକ୍ତ ବିଳମ୍ବ ଦ୍ୱାରା ଋଷର ଏଇ ସନ୍ଦେହ ପକ୍କା ହୋଇଥିଲା ଯେ ପାଶ୍ଚାତ ଦେଶମାନେ ଜର୍ମାନୀ ଏବଂ ଋଷ ମଧ୍ୟରେ ଲମ୍ବ ସମୟ ପର୍ଯ୍ୟନ୍ତ ଯୁଦ୍ଧକୁ ଚାଲୁ ରହିବା ପାଇଁ ଚାହୁଁଛନ୍ତି କାରଣ ଏହା ଦ୍ୱାରା ଦୁଇ ରାଷ୍ଟ୍ର ଲୋପ ପାଇଯିବେ।

ଯୁଦ୍ଧ ସମୟରେ ଉଭୟ ପକ୍ଷ ଜର୍ମାନୀ, ଇଟାଲୀ ଏବଂ ଅନ୍ୟାନ୍ୟ ଅକ୍ଷ (Axis) ଶକ୍ତିମାନଙ୍କଠାରୁ ମୁକ୍ତ ହୋଇଥିବା ଦେଶର ବିରୋଧି ତତ୍ୱମାନଙ୍କୁ ପ୍ରୋତ୍ସାହିତ କରିବାରେ ଲାଗିପଡିଲେ। ଯେତେବେଳେ ଫାସୀବାଦ ଏକଛତ୍ର ଶାସକ ମୁସୋଲିନିଙ୍କୁ ଇଟାଲୀରୁ ହଟାଇ ଦିଆଗଲା ସେତେବେଳେ ପାଶ୍ଚାତ ଦେଶମାନେ ଇଟାଲୀକୁ ସମର୍ଥନ ପ୍ରଦାନ କଲେ ଏବଂ ତା'ର ପୁନଃ ନିର୍ମାଣ ପାଇଁ ସହାୟତା (ଶତାଧିକ ଆମେରିକୀୟ ଡଲାର) ଦେଇଥିଲେ। ଏହାର କାରଣ

ଟିପ୍ପଣୀ

ହେଲା ସୋଭିଏତ୍ ଋଷ ବାହାରେ ଇଟାଲୀରେ ସର୍ବାଧିକ ସମାଜବାଦୀ ଦଳ ଥିଲେ ଏଣୁ ଆମେରିକାର ନେତୃବୃନ୍ଦ ଏହାକୁ ପୁଞ୍ଜିବାଦି ଦେଶ ଅଥବା ପୁଞ୍ଜିବାଦୀ ଗୋଷ୍ଠୀକୁ ସୁଦୃଢ଼ କରିବାର ଏକ ପଦକ୍ଷେପ ଭାବରେ ଦେଖିଥିଲେ । ଗ୍ରୀସ ଏବଂ ପୋଲାଣ୍ଡରେ ସ୍ଥିତି ସେହିପରି ଥିଲା । ଆମେରିକା କମ୍ୟୁନିଷ୍ଟମାନଙ୍କୁ ଗ୍ରୀସରେ ହରାଇବାରେ ସାହାଯ୍ୟ ପ୍ରଦାନ କରିଥିଲା ।

୧୯୪୫ ପରେ ପରେ ମହାଶକ୍ତି ଦ୍ୱୟ ପରସ୍ପର ମଧ୍ୟରେ ଥିବା ସନ୍ଦେହକୁ ଦୂର କରିବା ପାଇଁ କେତେକ ପଦକ୍ଷେପ ନେଇଥିଲେ । ଆମେରିକା ଜର୍ମାନୀ ଏବଂ ଅଷ୍ଟ୍ରିଆର କେବଳ ପଶ୍ଚିମାଞ୍ଚଳକୁ ଅଧିକାର କରିବା ପାଇଁ ଏବଂ ସୋଭିଏତ୍ ଋଷର ଲାଲବାହିନୀ ଦ୍ୱାରା ମୁକ୍ତି ପାଇଥିବା ପୋଲାଣ୍ଡ, ଚେକୋସ୍ଲୋଭାକିଆ ଏବଂ ଅନ୍ୟାନ୍ୟ ପୂର୍ବ ୟୁରୋପୀୟ ଅଞ୍ଚଳରୁ ଓହରି ଯିବା ପାଇଁ ରାଜି ହୋଇଥିଲା । ସୋଭିଏତ୍ ସଂଘ କୋମିନ୍‌ଫର୍ମ (କମ୍ୟୁନିଷ୍ଟ ସୁଚନାଫରମ୍)କୁ ଭାଙ୍ଗି ଦେଇଥିଲା ଏବଂ ପୁଞ୍ଜିବାଦି ଶକ୍ତିମାନଙ୍କୁ ଗ୍ରୀସ ଅଧିକାର କରିବାପାଇଁ ରାଜି ହୋଇଥିଲା । ସୋଭିଏତ୍ ସଂଘ ୧୯୫୨ରେ ଫିନ୍‌ଲାଣ୍ଡକୁ ଛାଡିଦେଇଥିଲା ଏବଂ ୧୯୫୫ରେ ଅଷ୍ଟିଆରୁ ନିଜର ସମସ୍ତ ସୈନ୍ୟବାହିନୀକୁ ଫେରାଇ ଆଣିଥିଲା । ୟୁରୋପ ଏବଂ ଅନ୍ୟାନ୍ୟ ଅଞ୍ଚଳର ଭବିଷ୍ୟତକୁ ନେଇ ଆମେରିକା ଏବଂ ଋଷ ମଧ୍ୟରେ ମତଭେଦ ଲାଗି ରହିଥିଲା । ସୋଭିଏତ୍ ସଂଘ ନାଜି ଜର୍ମାନୀଠାରୁ ମୁକ୍ତି ପାଇଥିବା ପୂର୍ବ ୟୁରୋପୀୟ ଦେଶମାନଙ୍କରେ ମିତ୍ର ସରକାର ସ୍ଥାପନ କରିବା ପାଇଁ ଚାହୁଁଥିଲା । ମିତ୍ର ସରକାରକୁ ସୋଭିଏତ୍ ସଂଘ ସାମ୍ୟବାଦୀ ସରକାର ବୋଲି ବୁଝୁଥିବା ହେତୁ ଏଥିରେ ଆମେରିକା ଏବଂ ବ୍ରିଟେନ୍ ରାଜି ହୋଇନଥିଲେ । ତୁର୍କୀରେ ମଧ୍ୟ ସୋଭିଏତ୍ ସଂଘ ତା ନିଜର ପ୍ରଭୁତ୍ୱ ସ୍ଥାପନ କରିବା ପାଇଁ ଚାହୁଁଥିଲା ଏବଂ ଇରାନରୁ ନିଜର ସେନାବାହିନୀକୁ ଫେରାଇ ଆଣିବାରେ ବିଳମ୍ବ ଘଟାଇବାରୁ ପାଶ୍ଚାତ ଦେଶମାନେ ଘୋର ଅସନ୍ତୁଷ୍ଟ ପ୍ରକାଶ କରିଥିଲେ ।

ଶୀତଳ ଯୁଦ୍ଧ ପାଇଁ ଉଭୟ ପକ୍ଷ ଦାୟୀ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଦୁଇ ପକ୍ଷଙ୍କ ମଧ୍ୟରେ ହୋଇଥିବା ଅସ୍ଥାୟୀ ଯୁଦ୍ଧ ବିରତି ଯୁଦ୍ଧ ପୂର୍ବରୁ ଏବଂ ଯୁଦ୍ଧ ପରେ ଉଭୟ ମଧ୍ୟରେ ଥିବା ଉତ୍ତେଜନା ପୂର୍ଣ୍ଣ ସମ୍ବନ୍ଧ ଉପରେ ଏକ ଉଜ୍ଜ୍ୱଳ ତାଳିପକା କାମ ଥିଲା ।

### ୨୫.୨-ପାଠଗତ ପ୍ରଶ୍ନ

୧. କେଉଁ ଦେଶଗୁଡିକ ଅକ୍ଷଶକ୍ତିମାନଙ୍କ ସହିତ ଥିଲେ ?

୨. କେଉଁ ଦେଶଗୁଡିକ ମିତ୍ରଶକ୍ତିଙ୍କର ଅଙ୍ଗ ଥିଲେ ?

୩. ୟୁରୋପରେ କେଉଁ କ୍ଷେତ୍ର ଆମେରିକା ତଥା ଋଷ ଦ୍ୱାରା ପ୍ରଭାବିତ ହୋଇଥିଲା ।

## ୨୫.୩-ଶୀତଳ ଯୁଦ୍ଧର ବିଭିନ୍ନ ଚରଣ / ପର୍ଯ୍ୟାୟ

ଶୀତଳ ଯୁଦ୍ଧ ଆରମ୍ଭର ସଠିକ୍ ସମୟ ନିର୍ଣ୍ଣୟ କରିବା ଅତ୍ୟନ୍ତ କଷ୍ଟ ସାଧ୍ୟ କାରଣ ଏହି ଯୁଦ୍ଧ ଆଦୌ ଘୋଷଣା କରାଯାଇ ନଥିଲା । ତତ୍ ସହିତ ଉକ୍ତ ଅଘୋଷିତ ଯୁଦ୍ଧ ମଧ୍ୟ ଦୀର୍ଘ ସ୍ଥାୟୀ ଯୁଦ୍ଧର ପରିସର ଭୁକ୍ତ ହୋଇଥିଲା । ପ୍ରାରମ୍ଭିକ ଚରଣ (୧୯୪୫-୪୭), ଅସ୍ଥି ବିଳାସ ଚରଣ କୁହାଯାଏ ଏବଂ ତା ପରବର୍ତ୍ତୀ ସମୟରେ ଶୀତଳ ଯୁଦ୍ଧରେ ବ୍ୟଗ୍ରତା ଦେଖା ଦେଇଥିଲା ଏବଂ





ଏହାର କେନ୍ଦ୍ରରେ ଥିଲା । ଯୁଦ୍ଧ ପରେ ୟୁରୋପର ପୁନଃ ନିର୍ମାଣ ଶୀତଳ ଯୁଦ୍ଧର ପ୍ରାରମ୍ଭରେ ବିଭିନ୍ନ ଶକ୍ତିମାନଙ୍କ ଦ୍ୱାରା ୟାଲ୍ଟା (yalta) ଏବଂ ପୋଟ୍ସଡେମ୍ (Potsdem) ଠାରେ ହୋଇଥିବା ଯୁଦ୍ଧକାଳୀନ ସମ୍ମିଳନୀର ସ୍ୱୀକୃତ ସିଦ୍ଧାନ୍ତଗୁଡିକୁ ନିରବଚ୍ଛିନ୍ନ ଭାବରେ ସମ୍ମାନ କରିବାର ବିଫଳତାକୁ ପ୍ରତିବିମ୍ବିତ କରିଥିଲା ।

**ପ୍ରଥମ ପର୍ଯ୍ୟାୟ**

ପ୍ରାରମ୍ଭିକ ପର୍ଯ୍ୟାୟରେ ପୋଲାଣ୍ଡର ଅବସ୍ଥା ଗୁରୁତ୍ୱପୂର୍ଣ୍ଣ ପରିସ୍ଥିତିରେ ଥିଲା । ପୋଲାଣ୍ଡରେ ସମସ୍ତ ଦେଶମାନଙ୍କର ବିଶେଷ ସ୍ୱାର୍ଥ ନିହିତ ଥିଲା । ସେପ୍ଟେମ୍ବର ୧୯୩୯ରେ ହିଟଲରଙ୍କ ସେନା ପୋଲାଣ୍ଡରେ ପ୍ରବେଶ କରିବାରୁ ଇଂଲଣ୍ଡ ଏବଂ ଫ୍ରାନ୍ସ ମିଳିତ ଭାବେ ଜର୍ମାନୀ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲେ । ଋଷ ପୋଲାଣ୍ଡକୁ ତା'ର ଐତିହାସିକ ଶତ୍ରୁ ହିସାବରେ ଗଣନା କରୁଥିଲା । ଅନ୍ୟପକ୍ଷରେ ପଶ୍ଚିମରୁ ଋଷକୁ ଆକ୍ରମଣ କରିବା ପାଇଁ ପୋଲାଣ୍ଡ ଅଞ୍ଚଳ ପରମ୍ପରାଗତ ପ୍ରବେଶ ଦ୍ୱାର ହିସାବରେ ଅବସ୍ଥାନ କରିଥିଲା । ୧୯୫୫ ମସିହାରେ ସୋଭିଏତ୍ ସଂଘ ପୋଲାଣ୍ଡରେ ପ୍ରବେଶ କରିବା ମାତ୍ରେ ସେମାନେ ରାଷ୍ଟ୍ରୀୟ ସ୍ୱାଧୀନତାର ସମର୍ଥନ ସାମ୍ୟବାଦୀ ରାଷ୍ଟ୍ରୀୟ ମୁକ୍ତି ସମିତିର ସମର୍ଥକ ଲୁବ୍ଲିନ୍ (Lublin) ସରକାରଙ୍କୁ ଅର୍ପଣ କରି ଦେଇଥିଲେ । ପୋଲାଣ୍ଡର ଭବିଷ୍ୟତ ଉପରେ ଷ୍ଟାଲିନ୍, ଚର୍ଚ୍ଚିଲ ଏବଂ ରୁଜଭେଲ୍ଟ ୟାଲ୍ଟା (Yalta) ସମ୍ମିଳନୀରେ ବିସ୍ତୃତ ଭାବେ ଚର୍ଚ୍ଚା କରିଥିଲେ । ସେଠାରେ ପୋଲାଣ୍ଡର ସଠିକ ସୀମା ନିର୍ଦ୍ଧାରଣ ସମ୍ପର୍କରେ କୌଣସି ବୁଝାମଣା ହୋଇପାରିନଥିଲା । କିନ୍ତୁ ପୋଲାଣ୍ଡ ଅନ୍ତତଃ ସୋଭିଏତ୍ ଶିବିରକୁ ଆସିଯାଇଥିଲା । ପୋଲାଣ୍ଡର ସୋଭିଏତୀକରଣ ଶୀତଳ ଯୁଦ୍ଧ ଆରମ୍ଭର ସୀମା ଚିହ୍ନ ହୋଇଥିଲା ।

ସଂଘର୍ଷର ଦ୍ୱିତୀୟ ମୁଖ୍ୟ କ୍ଷେତ୍ର ଥିଲା ବଲ୍‌କାନ୍ । ବଲ୍‌କାନ୍ ଅଞ୍ଚଳକୁ ବ୍ରିଟେନ୍ ଏବଂ ସୋଭିଏତ୍ ସଂଘ ଉଭୟ ନିଜ ନିଜର ପ୍ରଭାବ ବିସ୍ତାର କ୍ଷେତ୍ର ବୋଲି ସ୍ଥିର କରିଥିଲେ । ଗ୍ରୀସ୍ ବ୍ୟତୀତ ଅନ୍ୟ ସମସ୍ତ ଦେଶରେ ସାମ୍ୟବାଦୀ  ସରକାର ସ୍ଥାପିତ ହୋଇଥିଲା ଏବଂ ଥରେ ସାମ୍ୟବାଦୀ ଶାସନ ଲାଗୁ ହେବା ଦ୍ୱାରା ସୋଭିଏତ୍ ସଂଘ ସେଗୁଡିକୁ ଖୋଲାଖୋଲି ଭାବେ ସମର୍ଥନ ଦେବା ଆରମ୍ଭ କରିଥିଲା । ବ୍ରିଟେନ ନିୟନ୍ତ୍ରଣରେ ଥିବା ଗ୍ରୀସ୍‌କୁ ଛାଡି ଅନ୍ୟ ସମସ୍ତ ପୂର୍ବ ୟୁରୋପୀୟ ଦେଶଗୁଡିକ ଉପରେ ସୋଭିଏତ୍ ସଂଘର ପ୍ରଭୁତ୍ୱ ସ୍ଥାପିତ ହୋଇ ସାରିଥିଲା । ଉକ୍ତ ସ୍ଥିତିକୁ ଚର୍ଚ୍ଚିଲ, "ୟୁରୋପ ଉପରେ ଲୌହର ଆବରଣ" ଆଚ୍ଛାଦିତ କରିଛି ବୋଲି କହି ବର୍ଣ୍ଣନା କରିଥିଲେ । ଏହା ଦ୍ୱାରା ପୂର୍ବ ଏବଂ ପଶ୍ଚିମ ମଧ୍ୟରେ ଥିବା ସମ୍ପର୍କରେ ଗଭୀର ଭାବେ ଟଣା ଓଟରା ଦେଖା ଦେଇଥିଲା ଯେଉଁଥିରେ ଆମେରିକା ଏବଂ ସୋଭିଏତ୍ ସଂଘ ସାମିଲ ହୋଇଥିଲେ ।

ମିତ୍ର ରାଷ୍ଟ୍ରର ସେନାବାହିନୀ ଆଗରେ ବିନା ସର୍ତ୍ତରେ ସମର୍ପଣ କରିବା ପରେ ଜର୍ମାନୀକୁ ଚାରୋଟି ଅଧିଗ୍ରହଣ କ୍ଷେତ୍ରରେ ଭାଗ କରାଯାଇଥିଲା । ଏହି ଚାରୋଟି ଖଣ୍ଡ ସୋଭିଏତ୍ ସଂଘ, ଆମେରିକା, ବ୍ରିଟେନ ଏବଂ ଫ୍ରାନ୍ସର ନିୟନ୍ତ୍ରଣରେ ରହିଲା । ଜର୍ମାନୀର ରାଜଧାନୀ ବର୍ଲିନ ସୋଭିଏତ ସଂଘ ଅଧିଗ୍ରହଣ କ୍ଷେତ୍ରରେ ରହିଥିଲା କିନ୍ତୁ ଜର୍ମାନୀ ଭାଗ ଭାଗ ହେବା ଶୈଳୀରେ ବର୍ଲିନକୁ ମଧ ଚାରି ଭାଗରେ ବିଭକ୍ତ କରାଯାଇଥିଲା । ଶାନ୍ତି ଚୁକ୍ତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିବା



ଟିପ୍ପଣୀ



ପର୍ଯ୍ୟନ୍ତ ଏହି ଅଞ୍ଚଳ ଗୁଡିକ ଅସ୍ଥାୟୀ ଭାବେ ସେନାଧିକୃତ ହୋଇ ରହିଥିଲା । ଜର୍ମାନୀ ସହିତ ଚୁଡାନ୍ତ ଶାନ୍ତି ଚୁକ୍ତି କରିବା ପାଇଁ ପୋର୍ଟସ୍‌ଡେମ୍ ସମ୍ମିଳନୀ ଡକାଯାଇଥିଲା । କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ମିତ୍ର ରାଷ୍ଟ୍ରମାନଙ୍କ ରାୟ ସ୍ପଷ୍ଟ ହୋଇ ନଥିଲା । ଯଥା:- ଜର୍ମାନୀକୁ ଶସ୍ତ୍ର ବିହୀନ କରିଦିଆଯିବ, ସେନା ବିହୀନ କରାଯିବ ଅଥବା ଏହାର ବିଭାଜନ କରାଯିବ? ଜର୍ମାନୀ ଉଦ୍ୟୋଗକୁ କେତେଦୂର ପର୍ଯ୍ୟନ୍ତ ପୁନଃନିର୍ମାଣ କରାଯିବ? ସୋଭିଏତ୍ ସଂଘ ଏକ ଦରିଦ୍ର, ଦୁର୍ବଳ, ଜର୍ମାନୀ ଚାହୁଁଥିଲା କାରଣ ଏହା ଦ୍ୱାରା ନିଜର ସ୍ୱାର୍ଥ ପାଇଁ ଜର୍ମାନୀ ଆଉ କୌଣସି ଧମକ ଆସି ପାରିବ ନାହିଁ । ଏଥି ସହିତ ସୋଭିଏତ୍ ସଂଘ ଜର୍ମାନୀଠାରୁ ୨୦ ବିଲିଅନ ଆମେରିକୀ ଡଲାର କ୍ଷତି ପୂରଣ ସ୍ୱରୂପ ଦାବି କରିଥିଲା । କିନ୍ତୁ ପାଶ୍ଚାତ୍ୟ ମିତ୍ର ରାଷ୍ଟ୍ରମାନେ ଏହି ପ୍ରସ୍ତାବରେ ରାଜି ହୋଇନଥିଲେ । ପରବର୍ତ୍ତୀ ସମୟରେ ବ୍ରିଟିଶ୍, ଆମେରିକା ଏବଂ ଫ୍ରାନ୍ସ ଅଧିନରେ ଥିବା ଅଞ୍ଚଳକୁ ଏକତ୍ରୀତ କରି ଦିଆଯାଇଥିଲା । ଏବଂ ଏହିପରି ଭାବେ ଜର୍ମାନ ସଂଘୀୟ ଗଣ ରାଜ୍ୟ (ପଶ୍ଚିମ ଜର୍ମାନ)ର ଅସ୍ତିତ୍ୱ ସୃଷ୍ଟି ହୋଇଥିଲା । ନୂତନ ରାଷ୍ଟ୍ରରେ ନିର୍ବାଚନ ସଂଘୀୟ ପରେ ପଶ୍ଚିମ-ସମର୍ଥକ ସରକାର କ୍ଷମତାକୁ ଆସିଲା । ଏହାକୁ ଆମେରିକାଠାରୁ ଅତ୍ୟଧିକ ମାତ୍ରାରେ ଆର୍ଥିକ ସହାୟତା ଆସିବାରେ ଲାଗିଲା । ଅତି ଶୀଘ୍ର ସୋଭିଏତ୍ ସଂଘର ସାହାଯ୍ୟ ପାଇ ତା'ଅଧିନରେ ଥିବା କ୍ଷେତ୍ର ମଧ୍ୟ ରାଷ୍ଟ୍ରରେ ପରିଣତ ହୋଇଥିଲା ଯାହାକୁ ଜର୍ମାନ୍ ପ୍ରଜାତାନ୍ତ୍ରୀକ ଗଣରାଜ୍ୟ (ପୂର୍ବ ଜର୍ମାନୀ) କୁହାଗଲା ।

ପଶ୍ଚିମ ମିତ୍ରଶକ୍ତି ଜର୍ମାନୀର ମୁଦ୍ରା କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ପ୍ରୟାସ କରିଥିଲେ କିନ୍ତୁ ସୋଭିଏତ୍ ସଂଘ ଏଥିରେ ଅରାଜି ହୋଇ ନିଜର ଜବାବ ବର୍ଲିନ-ଅବରୋଧ ମାଧ୍ୟମରେ ଦେଇଥିଲା । ସେ ବର୍ଲିନ ଏବଂ ପଶ୍ଚିମ କ୍ଷେତ୍ର ମଧ୍ୟରେ ସମସ୍ତ ପ୍ରକାର ଯାତାୟାତ ଉପରେ ନିଷେଧାଜ୍ଞ ଜାରି କରିଥିଲା । ଯଥା:-ସଡକ ପଥ, ରେଳ ପଥ ଏବଂ ଜଳ ପଥ । ଉକ୍ତ ଅବରୋଧ ବ୍ରସେଲ୍ ଚୁକ୍ତି (Brussel Treaty) କୁ ବିରୋଧ କରୁଥିଲା ଯାହାକି ବ୍ରିଟେନ୍, ଫ୍ରାନ୍ସ ଏବଂ ବେଲ୍‌ଜିଅମ୍ ମଧ୍ୟରେ ନିଜ ନିଜର ରକ୍ଷା ସନ୍ଧି ନାମରେ ପ୍ରତିପାଦନ କରାଯାଇଥିଲା । ଉକ୍ତ ସନ୍ଧିରେ ହସ୍ତାକ୍ଷର କର୍ତ୍ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ଯେ ଜର୍ମାନୀ ଅଥବା ୟୁରୋପକୁ ଅନ୍ୟ କେହି ରାଷ୍ଟ୍ର ଆକ୍ରମଣ କଲେ ବା କରିବା ପରିସ୍ଥିତି ସୃଷ୍ଟି କଲେ ସମସ୍ତ ସଦସ୍ୟ ରାଷ୍ଟ୍ରମାନଙ୍କର ସେନା ସହାୟତା ପ୍ରଦାନ କରିବେ । ଯଦିଓ ଏଥିରେ ସୋଭିଏତ୍ ସଂଘର ନାମ ଉଲ୍ଲେଖ କରାଯାଇ ନଥିଲେ ମଧ୍ୟ ଏହାର ମୁଖ୍ୟ ଉଦ୍ଦେଶ୍ୟ ଜର୍ମାନୀ ବଦଳରେ ସୋଭିଏତ୍ ସଂଘ ବିରୁଦ୍ଧରେ ଥିଲା ।

୧୯୪୬ ମାର୍ଚ୍ଚ ସୁଦ୍ଧା ଇରାନରୁ ସୋଭିଏତ୍ ସଂଘ ସୈନ୍ୟ ପ୍ରତ୍ୟାହାର କାର୍ଯ୍ୟ ସମାପ୍ତ ନ କରିବାରୁ ସେଠାରେ ଏକ ସଙ୍କଟ ସୃଷ୍ଟି ହୋଇଥିଲା । ଯୁଦ୍ଧ ସମୟରେ ଇରାନ୍ ମଧ୍ୟ ଦେଇ ସୋଭିଏତ୍ ସଂଘକୁ ସାହାଯ୍ୟ ପଠାଇବାରେ ଏକ ପ୍ରଧାନ ମାର୍ଗ ଥିଲା । ଇରାନ୍‌ରେ ପ୍ରବଳ ମାତ୍ରାରେ ତେଲ ଥିଲା । ସୋଭିଏତ୍ ସଂଘ ଇରାନ୍‌ର ତୈଳ ଉପଯୋଗ କରିବା ପାଇଁ ବିଶେଷ ଅଧିକାର ଦାବି କରିଥିଲା ଏବଂ ଇରାନର ସୈନ୍ୟଙ୍କୁ ସୋଭିଏତ୍ ଅଧିକୃତ ଅଞ୍ଚଳକୁ ପ୍ରବେଶ କରିବା ପାଇଁ ମନା କରି ଦେଇଥିଲା । ଉକ୍ତ ପରିସ୍ଥିତିରେ ଆମେରିକା ସଂଯୁକ୍ତ ରାଷ୍ଟ୍ରର ସୁରକ୍ଷା ପରିଷଦରେ ସୋଭିଏତ୍ ସଂଘର ସେନାଙ୍କୁ ଇରାନ ଛାଡିବା ପାଇଁ ଚାପ ପକାଇଥିଲା ।

ତୁର୍କୀରେ ସୋଭିଏତ୍ ସଂଘ ବୋସ୍‌ପୋରସ୍ ପ୍ରଣାଳୀକୁ ଆନ୍ତରାଷ୍ଟ୍ରୀୟକରଣ ପାଇଁ ଚାହିଁଥିଲା । କିନ୍ତୁ ପାଶ୍ଚାତ୍ୟ ମିତ୍ର ରାଷ୍ଟ୍ରମାନେ ଏହାର ବିରୋଧ କରିଥିଲେ । ଗ୍ରୀସ୍‌ରେ ଆମେରିକା ଏବଂ ସୋଭିଏତ୍ ସଂଘ ବିରୋଧୀ ଗୋଷ୍ଠୀମାନଙ୍କୁ ସମର୍ଥନ ପ୍ରଦାନ କରିଥିଲେ । ଗ୍ରୀସ୍‌ର ରକ୍ଷଣଶୀଳ ଗୋଷ୍ଠୀ ଆମେରିକାଠାରୁ ମଧ୍ୟ ସାହାଯ୍ୟ ମାଗିଥିଲେ ।




ମାନଚିତ୍ର ୨୫ ୧୯୫୦ର ମହାଶକ୍ତି ରାଷ୍ଟ୍ରର ବୁଝାମଣା

ଉକ୍ତ ପରିସ୍ଥିତିରେ ଆମେରିକାର ରାଷ୍ଟ୍ରପତି ଟ୍ରୁମେନ ନିଜର ଏକ ନୀତି ପ୍ରଣୟନ କରିଥିଲେ ଯାହାକୁ ଟ୍ରୁମେନ୍ ସିଦ୍ଧାନ୍ତ କୁହାଯାଏ । ଟ୍ରୁମେନ୍‌ଙ୍କ ସିଦ୍ଧାନ୍ତ ଅବରୋଧ ଉପରେ ଆଧାରିତ ଥିଲା । ଏହାର ଅର୍ଥ ହେଲା ଯେ ସାମ୍ୟବାଦକୁ ସେହି କ୍ଷେତ୍ରଠାରେ ସୀମିତ ବା ଅବରୁଦ୍ଧ କରିବା ଦରକାର ଯେଉଁ ଅଞ୍ଚଳକୁ ଏହା ପ୍ରଥମେ ଅଧିକାର କରିଅଛି ଏବଂ ଏହାକୁ ଆଉ ଆଗକୁ



ଟିପ୍ପଣୀ



ବିସ୍ତାରିତ ହେବାକୁ ନ ଦେବା । ଏହି ପ୍ରକାର ଆମେରିକାର ବିଦେଶ ନୀତି ତାକୁ ବିଚ୍ଛିନ୍ନତାବାଦି ଠାରୁ ବଦଳାଇ ହସ୍ତକ୍ଷେପ ବାଦୀରେ ପରିଣତ କରିଥିଲା । ଏହାର ଉଦ୍ଦେଶ୍ୟ ଥିଲା ବିଶ୍ୱର ଯେ କୌଣସି ସ୍ଥାନରେ ସାମ୍ୟବାଦର ବିସ୍ତାରକୁ ବନ୍ଦ କରିବା ।

କେତେକ ପଶ୍ଚିମ ୟୁରୋପୀୟ ଦେଶମାନଙ୍କରେ ମଧ୍ୟ ସାମ୍ୟବାଦ କ୍ଷୀପ୍ର ଗତିରେ ବୃଦ୍ଧି ପାଇଥିଲା । ଯୁଦ୍ଧ ଦ୍ୱାରା କ୍ଷତ ବିକ୍ଷତ ୟୁରୋପର ରାଷ୍ଟ୍ରଗୁଡିକ ଯୁଦ୍ଧ ପରେ ଉନ୍ନତି ସାଧନ କରିବାର ପ୍ରୟାସ କରିଥିଲେ ମାତ୍ର ଏହା ଫଳବତୀ ହୋଇ ନଥିଲା । ୟୁରୋପର ରାଷ୍ଟ୍ରୀୟ ଅର୍ଥ ବ୍ୟବସ୍ଥା ତଥା ଉଦ୍ୟୋଗଗୁଡିକ ଏଥିରୁ ମୁକ୍ତି ପାଇଁ ସଂଘର୍ଷ କରୁଥାଆନ୍ତି ଏବଂ ଏହି ଦେଶମାନଙ୍କରେ ସାମ୍ୟବାଦୀ ଦଳର ସଂଖ୍ୟା ନିରନ୍ତର ବଢୁଥାଏ । ଏହି ପୃଷ୍ଠଭୂମିରେ ଆମେରିକାର ରାଷ୍ଟ୍ର ସଚିବ ମାର୍ଶାଲ ୟୁରୋପର ଆର୍ଥିକ ପୁନଃ ନିର୍ମାଣର ଯୋଜନା ତିଆରି କରିଥିଲେ ଯାହାକୁ ମାର୍ଶାଲ ଯୋଜନା ନାମରେ ଜଣାଯାଏ । ଉକ୍ତ ଯୋଜନାରେ ଆମେରିକା ୨୦ ବର୍ଷ ମଧ୍ୟରେ ୧୦ ବିଲିୟନ ଡଲାର ଠାରୁ ଅଧିକ ଧନରାଶି ୟୁରୋପକୁ ଦେବା ପାଇଁ ବ୍ୟବସ୍ଥା କରିଥିଲା । ଏଥିରେ ଆଶା କରାଯାଇଥିଲା ଯେ ଉକ୍ତ ଧନ ଦ୍ୱାରା ୟୁରୋପ ଯୁଦ୍ଧରେ ହୋଇଥିବା କ୍ଷତିପୁରଣ କରିପାରିବ ଏବଂ ନିଜର ଭୌତିକ ଅବସ୍ଥା ତଥା ରାଜନୈତିକ ଅବସ୍ଥାକୁ ସୁଧାରି ପାରିବ । ଏହା ମଧ୍ୟ ବିଶ୍ୱାସ କରାଯାଇଥିଲା ଯେ କେବଳ ଏକ ସ୍ଥିର ୟୁରୋପ ଉଭୟ ଆଭ୍ୟନ୍ତରିଣ ତଥା ବାହ୍ୟ ସାମ୍ୟବାଦର ମୁକାବିଲା କରିପାରିବ । ମହତ୍ୱପୂର୍ଣ୍ଣ ବିଷୟ ହେଲା ଯେ ଉକ୍ତ ସହାୟତା ପ୍ରସ୍ତାବ ମଧ୍ୟ ପୂର୍ବ ୟୁରୋପୀୟ ଦେଶମାନଙ୍କ ସମ୍ମୁଖରେ ରଖା ଯାଇଥିଲା । ଟ୍ରୁମେନ ସିଦ୍ଧାନ୍ତ ଏବଂ ମାର୍ଶାଲ ଯୋଜନାର ଜବାବରେ ସୋଭିଏତ୍ ସଂଘ ନିଜସ୍ୱ ଭାବେ କୋମିନ୍‌ଫର୍ମ (ସମାଜବାଦୀ ସୂଚନା ବ୍ୟୁରୋ)କୁ ପୁନଃ ଜୀବିତ କରିଥିଲା । ଏହାର ଉଦ୍ଦେଶ୍ୟ ଥିଲା ସମସ୍ତ ସାମ୍ୟବଦୀ ସରକାରମାନଙ୍କୁ ମସ୍କୋ ନୀତି ଅନୁସାରେ ସୋଭିଏତ୍ ପ୍ରଭାବ କ୍ଷେତ୍ରକୁ ଆଣିବା । ପୂର୍ବ ୟୁରୋପରେ ସାମ୍ୟବାଦକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଏହା ହେଉଛି ଏକ ପ୍ରୟାସ ।

୪ ଏପ୍ରିଲ ୧୯୪୯ରେ ଉତ୍ତର ଆଟ୍‌ଲାଣ୍ଟିକ ସନ୍ଧି ସଂଗଠନ ଅର୍ଥାତ୍ ନର୍ଥ ଆଟ୍‌ଲାଣ୍ଟିକ ଟ୍ରୀଟୀ ଅରଗାନାଇଜେସନ (NATO) ସ୍ୱାକ୍ଷରିତ ହୋଇଥିଲା । ଉକ୍ତ ସନ୍ଧି "ଅବରୋଧ" ନୀତି ଦ୍ୱାରା ପ୍ରଭାବିତ ହୋଇ ସ୍ୱାକ୍ଷର କରାଯାଇଥିଲା । ଏହା ଆମେରିକା ଏବଂ ଅନ୍ୟାନ୍ୟ ୟୁରୋପୀୟ ଦେଶ ଯଥା ବ୍ରିଟେନ, ଫ୍ରାନ୍ସ, ବେଲଜିଅମ୍, କାନାଡା, ଡେନମାର୍କ, ଆଇସ୍‌ଲାଣ୍ଡ, ଇଟାଲି, ନେଦରଲାଣ୍ଡ, ଲକ୍ସମ୍‌ବାର୍ଗ, ନରୱେ ଏବଂ ପର୍ତ୍ତୁଗାଲ ମଧ୍ୟରେ ହୋଇଥିଲା । ଉକ୍ତ ଚୁକ୍ତି ସୋଭିଏତ୍ ବ୍ଲକ ବିରୁଦ୍ଧରେ ଏକ ସୈନ୍ୟ ସାମୁଖ୍ୟ ଥିଲା । ନାଟୋ ସନ୍ଧିର ଅନୁଚ୍ଛେଦ ୫ ହେଲା ତା'ର ଅର୍ନ୍ତନିହିତ ପ୍ରତିବନ୍ଧ/ଉଦ୍ଦେଶ୍ୟ ଏବଂ ଏହା ଅନୁସାରେ ନାଟୋର ଯେକୌଣସି ସଦସ୍ୟ ଉପରେ ଆକ୍ରମଣର ଅର୍ଥ ହେଲା ଅନ୍ୟ ସମସ୍ତ ସଦସ୍ୟ ରାଷ୍ଟ୍ର ଉପରେ ଆକ୍ରମଣ ବୋଲି ବୁଝାଯିବ । ଏଥି ସହିତ ସଦସ୍ୟ ରାଷ୍ଟ୍ରମାନଙ୍କୁ ଅଧିକାର ଦିଆ ଯାଇଥିଲା ଯେ ସେମାନେ ଅନ୍ୟ ସଦସ୍ୟ ରାଷ୍ଟ୍ରମାନଙ୍କୁ କି ପ୍ରକାର ସାହାଯ୍ୟ ପ୍ରଦାନ କରିବା ପାଇଁ ଇଚ୍ଛା ପ୍ରକାଶ କରୁଛନ୍ତି । ପରବର୍ତ୍ତୀ ସମୟରେ ଗ୍ରୀସ୍ ଏବଂ ଜର୍ମାନ ମଧ୍ୟ ନାଟୋର ସଦସ୍ୟ ହୋଇ ଯାଇଥିଲା ।



ଟିପ୍ପଣୀ

୧୯୪୫ ପରେ ପରେ ଚୀନ ଏବଂ କୋରିଆରେ ହୋଇଥିବା ବିକାଶ ଦ୍ୱାରା ଶୀତଳ ଯୁଦ୍ଧ ବଳବତ୍ତର ହୋଇଥିଲା । ୧୯୪୯ରେ ମାଓ-ସେ-ତୁଙ୍ଗଙ୍କ ନେତୃତ୍ୱରେ ସାମ୍ୟବାଦୀମାନେ କ୍ଷମତାକୁ ଆସି ଚୀନ ଲୋକତାନ୍ତ୍ରୀକ ଗଣତନ୍ତ୍ରର ସ୍ଥାପନା କରିଥିଲେ । ସଂଯୁକ୍ତ ରାଷ୍ଟ୍ର ଆମେରିକା ଚୀନର ଲୋକତାନ୍ତ୍ରୀକ ଗଣତନ୍ତ୍ରକୁ ମାନ୍ୟତା ଦେଇ ନଥିଲା । ଚୀନକୁ ସଂଯୁକ୍ତ ରାଷ୍ଟ୍ରରେ (UNO) ପ୍ରବେଶର ଅଧିକାର ଦିଆଗଲା ନାହିଁ । କିନ୍ତୁ କେବଳ ତାଇୱାନକୁ (ରାଷ୍ଟ୍ରବାଦୀ ଚୀନ)ହିଁ ମାନ୍ୟତା ଦିଆ ଯାଇଥିଲା । ଆମେରିକା ତା'ର ଭିଟୋ (Veto) ଅଧିକାର ବ୍ୟବହାର କରି ଚୀନ୍‌କୁ ସଂଯୁକ୍ତ ରାଷ୍ଟ୍ର ସଂଘର ବାହାରେ ରଖିଥିଲା । ସୋଭିଏତ୍ ସଂଘ ସଂଯୁକ୍ତ ରାଷ୍ଟ୍ର ସଂଘର ଏ ପ୍ରକାର କାର୍ଯ୍ୟକଳାପ ଦେଖି ତା ସହିତ ଆଉ ସମ୍ପର୍କ ରଖି ନଥିଲା । ଉକ୍ତ ଘଟଣାରୁ ଚୀନ୍ ଏବଂ ସୋଭିଏତ୍ ସଂଘ ମଧ୍ୟରେ ସମ୍ପର୍କ ନିବିଡ ହେଲା ବୋଲି କହି ହେବନାହିଁ । କାରଣ ୧୯୫୦ ପରେ ଏମାନଙ୍କ ସମ୍ପର୍କ ଖରାପରୁ ଖରାପ ଆଡକୁ ଗତିକଲା ।

ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ଜାପାନ ହାରିଯିବା ପରେ ପୋର୍ଟଡେମ୍ ସମ୍ମିଳନୀ ଅନୁସାରେ କୋରିଆ ଦୁଇ ଭାଗରେ ବିଭକ୍ତ ହେଲା । ଉତ୍ତର କୋରିଆ ସୋଭିଏତ୍ ସଂଘ ଅଧିନରେ ଥିବା ବେଳେ ଦକ୍ଷିଣ କୋରିଆ ଆମେରିକା ଆୟତରେ ରହିଲା । ଦକ୍ଷିଣ କୋରିଆରେ ଆମେରିକାର ସିଧା ସଳଖ ସମର୍ଥନରେ ଏକ ଶକ୍ତିଶାଳୀ ଏକଚ୍ଛତ୍ର ବ୍ୟବସ୍ଥାର ସ୍ଥାପନ ହୋଇଥିଲା । ଉତ୍ତର କୋରିଆରେ ସୋଭିଏତ୍ ସଂଘ ସମର୍ଥିତ ସରକାର ସ୍ଥାପିତ ହେଲା । ସୋଭିଏତ୍ ସଂଘ ଏବଂ ଆମେରିକା ନିଜ ନିଜର ବିରୋଧି ସରକାରଙ୍କୁ ମାନ୍ୟତା ପ୍ରଦାନ କରି ନଥିଲେ । ୧୯୫୦ରେ ଉତ୍ତର କୋରିଆ ଦକ୍ଷିଣ କୋରିଆ ଉପରେ ଆକ୍ରମଣ କରିଥିଲା । ସଂଯୁକ୍ତ ରାଷ୍ଟ୍ର ସଂଘ (UNO), ଯାହାର ସ୍ଥାୟୀ ସୁରକ୍ଷା ପରିଷଦରେ ପୁଞ୍ଜିବାଦୀ ରାଷ୍ଟ୍ରମାନଙ୍କର ସଂଖ୍ୟା ଗରିଷ୍ଠତା ଥିଲା, ଉତ୍ତର କୋରିଆକୁ ଆକ୍ରମଣକାରୀ ଭାବରେ ଘୋଷଣା କରିଥିଲା ଏବଂ ତାକୁ ଜବାବ ଦବା ପାଇଁ ଏକ ଏକତ୍ରୀତ ସଂଯୁକ୍ତ ରାଷ୍ଟ୍ର କମାଣ୍ଡ ସ୍ଥାପନ କରିଥିଲା । ଆମେରିକାର ଜେନେରାଲ ମେକ୍ ଆର୍ଥର (Mac Arthur)ଙ୍କୁ ଉକ୍ତ ସେନାବାହିନୀର କମାଣ୍ଡର ଭାବେ ନିଯୁକ୍ତି କରାଯାଇଥିଲା । ସଂଯୁକ୍ତ ରାଷ୍ଟ୍ର ସଂଘର ସେନାବାହିନୀ ଉତ୍ତର କୋରିଆ ସେନାମାନଙ୍କୁ ଦକ୍ଷିଣ କୋରିଆରୁ ବିତାଡିତ କରିଥଲେ ଏବଂ ଉତ୍ତର କୋରିଆର ସୀମାର ବହୁ ଅନ୍ତରକୁ ଚୀନର ସୀମା ପର୍ଯ୍ୟନ୍ତ ମାଡିଯାଇଥିଲେ । ଏହି ସମୟରେ ଚୀନ ସଂଯୁକ୍ତ ରାଷ୍ଟ୍ରସଂଘର ସେନାକୁ ଦକ୍ଷିଣ କୋରିଆକୁ ତଡିଦେବା ପାଇଁ ଉତ୍ତର କୋରିଆ ସୈନ୍ୟସହିତ ଯୋଗ ଦାନ କରିଥିଲା । ୧୯୫୩ରେ ଏକ ଯୁଦ୍ଧ-ବିରତି ଚୁକ୍ତି ସ୍ୱାକ୍ଷରୀତ ହୋଇଥିଲା ଯାହାଦ୍ୱାରା ଏକ ବିଶାଳ ଖୋଲା ଯୁଦ୍ଧର ଆଶଙ୍କାକୁ ଏଡାଇ ଦିଆ ଯାଇପାରିଥିଲା । ଉକ୍ତ କୋରିଆର ସଂକଟ(Korean-crisis) ଶୀତଳ ଯୁଦ୍ଧର ପ୍ରଥମ ସେନା-ସଂଘର୍ଷ ଅଟେ । ସୋଭିଏତ୍ ସଂଘ, ଆମେରିକା ଏବଂ ଚୀନ ପରସ୍ପର ସହିତ ସିଧାସଳଖ ଯୁଦ୍ଧରେ ଲିପ୍ତ ହୋଇ ନଥିଲା (ଯଦିଓ ଉତ୍ତର-କୋରିଆର ଉଡାଜାହାଜ ଗୁଡିକ ପ୍ରକୃତରେ ସୋଭିଏତ୍ ପାଇଲଟ୍ ମାନେ ପରିଚାଳିତ କରୁଥିଲେ) କିନ୍ତୁ ଏଥିରେ ଜଣେ-ଅନ୍ୟଜଣକ ଉପରେ ଆଶ୍ରତ ଶକ୍ତିମାନଙ୍କ(କୋରିଆର ଗଣତନ୍ତ୍ର ଏବଂ କୋରିଆର ପ୍ରଜାତନ୍ତ୍ରିକ ଗଣରାଜ୍ୟ, ଯେଉଁଥିରେ ପ୍ରକୃତରେ କେହି ବି ପ୍ରଜାତନ୍ତ୍ର ନଥିଲା) ସହିତ ଯୁଦ୍ଧ କରୁଥିଲେ ।

ଟିପ୍ପଣୀ

### ୨୫.୩ - ପାଠଗତ ପ୍ରଶ୍ନ-

୧. ଯାଲ୍ଟା ସମ୍ମିଳନୀରେ କେଉଁ ଦେଶର ଭବିଷ୍ୟତ ଉପରେ ଚର୍ଚ୍ଚା ହୋଇଥିଲା ?

..........................................................................................

୨. "ଲୁହାର ଆବରଣ" ଶବ୍ଦକୁ କେଉଁ ନେତା ବ୍ୟବହାର କରିଥିଲେ ?

..........................................................................................

୩. ଟ୍ରୁମେନ ସିଦ୍ଧାନ୍ତର କ'ଣ ଉଦ୍ଦେଶ୍ୟ ଥିଲା ?

..........................................................................................

୪. ନାଟୋର ପୁରା ନାମ କ'ଣ ଅଟେ ?

..........................................................................................

## ୨୫.୪: ଶୀତଳ ଯୁଦ୍ଧର ଅନ୍ୟ ଚରଣ/ସୋପାନ: ଟ୍ରୁମେନ୍-ଷ୍ଟାଲିନଙ୍କ ପରବର୍ତ୍ତୀ ଯୁଗ

ଦ୍ୱିତୀୟ ଚରଣରେ ଉତ୍ତେଜନା କମିଯାଇଥିଲା କିନ୍ତୁ ଶୀତଳ ଯୁଦ୍ଧର ଆଦୌ ଅନ୍ତ ହୋଇ ନଥିଲା । ଦୁଇ ଦେଶର ସର୍ବୋଚ୍ଚ ନେତୃତ୍ୱର ପରିବର୍ତ୍ତନ ହୋଇଥିଲା । ଆମେରିକାରେ ୧୯୫୩ରେ ଟ୍ରୁମେନଙ୍କ ଶାସନ ଅନ୍ତ ହୋଇଥିଲା ଏବଂ ସେହି ବର୍ଷ ସୋଭିଏତ୍ ସଂଘରେ ଷ୍ଟାଲିନ୍‌ଙ୍କ ମୃତ୍ୟୁ ହୋଇଥିଲା । ନିକିତା କୃଶ୍ଚେଭ (Nikita Khrushchev) ଷ୍ଟାଲିନ୍‌ଙ୍କ ଉତ୍ତରାଧିକାରୀ ହୋଇ ତାଙ୍କର ଅନେକ ନୀତିଗୁଡ଼ିକୁ ବଦଳାଇ ଦେଇଥିଲେ । ନୀତିର ସମ୍ମୁଖ ଭାଗରେ କୃଶ୍ଚେଭ ୟୁରୋପରେ ଉତ୍ତେଜନା ହ୍ରାସ କରିବା ପାଇଁ ଗୁରୁତ୍ୱ ପ୍ରଦାନ କରିଥିଲେ ଏବଂ ସେଠାରେ ଦେଖା ଦେଇଥିବା ସମସ୍ୟା ପାଇଁ ସୋଭିଏତ୍ ସଂଘ ଦାୟୀ ବୋଲି ସ୍ୱୀକାର କରିଥିଲେ । ଅନ୍ୟ ପକ୍ଷରେ ସେ ଖୋଲାଖୋଲି ଭାବେ ପୋଲାଣ୍ଡ ଏବଂ ହଙ୍ଗେରୀରେ ଦେଖା ଦେଇଥିବା ସୋଭିଏତ୍ ବିରୋଧୀ ନେତା ତଥା ଚିନ୍ତାଧାରାକୁ ଦମନ କରିଥିଲେ । ପୋଲାଣ୍ଡ ଏବଂ ହଙ୍ଗେରୀର ଜାତୀୟତାବାଦ ପରିପ୍ରକାଶ କରୁଥିବା ଉଦାରବାଦୀ ତଥା କେଥୋଲିକମାନଙ୍କର ଗତିବିଧିକୁ ଫାସୀବାଦ କହି ତାଙ୍କୁ ନିନ୍ଦା କରୁଥିଲେ । ସୋଭିଏତ୍ ନେତାମାନେ ସେ ସମୟରେ ଆମେରିକାରେ ଚାଲିଥିବା ଜାତିଗତ (racial) ସଂଘର୍ଷକୁ ସମାଲୋଚନା କରି କହିଥିଲେ ଯେ ତାହା ହେଉଛି ପୁଞ୍ଜିବାଦ ଅସମାନତାର ଅପରିହାର୍ଯ୍ୟ ପରିଣାମ । ଏହି କାରଣରୁ ଆମେରିକା ଏବଂ ତାର ମିତ୍ର ରାଷ୍ଟ୍ରମାନେ ପୂର୍ବ ୟୁରୋପୀୟ ଦେଶମାନଙ୍କରେ ସୋଭିଏତ୍ ବିରୋଧି ମତବାଦକୁ ଆନ୍ଦୋଳିତ କରିବାର ପ୍ରଚେଷ୍ଟା କରିଥିଲେ ।

ସୋଭିଏତ୍ ସଂଘର ନେତୃତ୍ୱ ପରିବର୍ତ୍ତନ ଏବଂ କୃଶ୍ଚେଭଙ୍କ ଦ୍ୱାରା ଷ୍ଟାଲିନ୍‌ବାଦର ପ୍ରକାଶ୍ୟ ଭାବରେ ନିନ୍ଦାକରିବା ଦ୍ୱାରା ପୋଲାଣ୍ଡ ଏବଂ ହଙ୍ଗେରୀରେ ବିଦ୍ରୋହକୁ ପ୍ରୋତ୍ସାହିତ କରିଥିଲା । ୧୯୫୬ ମସିହାରେ ପୋଲାଣ୍ଡର ପୋଜନନ(Poznan) ସହରରେ ବିଦ୍ରୋହ ଦେଖା ଦେଇଥିଲା ।

କିନ୍ତୁ ଏହାକୁ ଦମନ କରାଯାଇଥିଲା । ଏହି ସମୟରେ ପୋଲାଣ୍ଡର ସାମ୍ୟବାଦୀ ଦଳ ଦୁଇ ଗୋଷ୍ଠୀରେ ବିଭକ୍ତ ହୋଇଥିଲା । ଗୋଟାଏ ଦଳ ଥିଲା ଷ୍ଟାଲିନ୍‌ବାଦୀ ଓ ଅନ୍ୟଟି ଗୋମୁଲ୍କା (Gomulka)ଙ୍କ ନେତୃତ୍ୱରେ ପରିଚାଳିତ ହେଉଥିଲା । ଗୋମୁଲ୍କାଙ୍କ ସମର୍ଥକମାନଙ୍କୁ ସଫଳତା ମିଳିଥିଲା ଏବଂ ପୋଲାଣ୍ଡର ସାମ୍ୟବାଦୀ ପାର୍ଟି ସମାଜବାଦ ପାଇଁ "ଏକ ରାଷ୍ଟ୍ରୀୟ ମାର୍ଗ" (National Road to Socialism) ପାଇଁ ମନୋନିବେଶ କରିଥିଲା । ଏହାର ଅର୍ଥ ହେଲା ଯେ ଯେପର୍ଯ୍ୟନ୍ତ ପୋଲାଣ୍ଡ ପୂର୍ବ ୟୁରୋପର ସୋଭିଏତ୍ ସଂଘର ନେତୃତ୍ୱକୁ ସମ୍ମାନ କରୁଥିବ ସେ ପର୍ଯ୍ୟନ୍ତ ସେ ନିଜ ବ୍ୟାପାରର/ମାମଲାର (ଉଦାହରଣ ସ୍ୱରୂପ ଆର୍ଥିକ ଏବଂ ସୈନିକ ବ୍ୟାପାରରେ)ଉପରେ ଅଧିକ ନିୟନ୍ତ୍ରଣ ରଖି ପାରିବ । ଏହିପରି ଭାବରେ ଯୁଗୋସ୍ଲୋଭିଆ ପରେ ପୋଲାଣ୍ଡ ରାଷ୍ଟ୍ରୀୟ ସାମ୍ୟବାଦର ରାସ୍ତା ଉପରେ ଚାଲିବା ବାଲା ଦ୍ୱିତୀୟ ଦେଶ ହୋଇଥିଲା, ଯାହାକୁ ଅଧିକରେ ସୋଭିଏତ୍ ନେତାଗଣମାନେ ସୀମା ମଧ୍ୟରେ ରହି ସ୍ୱୀକୃତି ପ୍ରଦାନ କରିଥିଲେ ।

୧୯୫୬ରେ ହଙ୍ଗେରୀର ଲୋକମାନେ ଏକ ବିଦ୍ରୋହ କରିଥିଲେ । ପ୍ରାରମ୍ଭ କାଳରେ ସୋଭିଏତ୍ ସଂଘ କିଛି ସଂସ୍କାର ଆଣିବା ପାଇଁ ଇଚ୍ଛା ପ୍ରକାଶ କରିଥିଲା । କିନ୍ତୁ ଯେତେବେଳ ହଙ୍ଗେରୀ ସୋଭିଏତ୍ ସେନାର ସମ୍ପୂର୍ଣ୍ଣ ପ୍ରତ୍ୟାହାର ଦାବି କଲା ଏବଂ ୱାରସ ଚୁକ୍ତିରୁ (ଯାହାକି ସୋଭିଏତ୍ ସଂଘ ଦ୍ୱାରା ନାଟୋ ବିପକ୍ଷରେ ହୋଇଥିଲା) ଓହରି ଆସିଲା ସେତେବେଳେ ସୋଭିଏତ୍ ନେତୃବୃନ୍ଦ ଉକ୍ତ ନୂତନ ପଦକ୍ଷେପ ପାଇଁ ଅତ୍ୟନ୍ତ ବିରକ୍ତ ହୋଇଥିଲେ । ହଙ୍ଗେରୀର ଚୁଡାନ୍ତ ନିରପେକ୍ଷତା ଘୋଷଣା ତଥା ୱାରସ୍ ଚୁକ୍ତିରୁ ଓହରି ଯିବାର ପରିଣାମ ସ୍ୱରୂପ ହଙ୍ଗେରୀର ତତ୍‌କାଳୀନ ନେତା ଇମ୍ରୀ ନାଗୀ (Imre Nagy)ଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା ଏବଂ ସୋଭିଏତ୍ ସଂଘ ହଙ୍ଗେରୀ ଉପରେ ଆକ୍ରମଣ କରିଥିଲା । ଏହି କାରଣରୁ ସୋଭିଏତ୍ ସଂଘ ଏହା ସ୍ପଷ୍ଟ କରିଥିଲା ଯେ ସେ ପୋଲାଣ୍ଡରେ ଉଦାରଶୀଳ ସାମ୍ୟବାଦ ଶାସନ ତଥା ବହୁଦଳୀୟ ପ୍ରଜାତନ୍ତ୍ରକୁ ସ୍ୱୀକାର କରିବା ପାଇଁ ପ୍ରସ୍ତୁତ ନୁହେଁ । ଏ ସମ୍ବନ୍ଧରେ ଆମେରିକା କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିଲା କାରଣ ତାହା ସୋଭିଏତ୍ ସଂଘ ଏବଂ ଆମେରିକା ମଧ୍ୟରେ ଏକ ସିଧାସଳଖ ଯୁଦ୍ଧରେ ପରିଣତ ହୋଇ ପାରିଥାଆନ୍ତା ।

ବିପ୍ଳବ ପରେ ଜେନେରାଲ ଚିୟାଂ-କାଇ-ଶେକ ନିଜର ସମର୍ଥକମାନଙ୍କୁ ନେଇ ତାଇୱାନ ପ୍ରଣାଳୀ ପାରିହୋଇ ସେଠାରେ ଏକ ଚୀନ ଗଣରାଜ୍ୟ ସ୍ଥାପନ କରିଥିଲା । ଏହା ୧୯୭୧ ପର୍ଯ୍ୟନ୍ତ ସଂଯୁକ୍ତ ରାଷ୍ଟ୍ର ସଂଘରେ ଚୀନର ପ୍ରତିନିଧିତ୍ୱ କରୁଥିଲା । ୧୯୫୦ ପୂର୍ବରୁ ଆମେରିକାର ନୀତି ଏହା ଥିଲା ଯେ ସାମ୍ୟବାଦୀ ଚୀନ୍ (ଚୀନ ଲୋକତାନ୍ତ୍ରିକ ଗଣରାଜ୍ୟ) ଦ୍ୱାରା ତାଇୱାନ ଆକ୍ରମଣର ସ୍ଥିତିରେ ସେ ହସ୍ତକ୍ଷେପ କରିବ ନାହିଁ । କିନ୍ତୁ ୧୯୫୦ରେ କୋରିଆ ଯୁଦ୍ଧ ପରେ ଆମେରିକାର ନୀତିରେ ପରିବର୍ତ୍ତନ ଆସିଥିଲା ଏବଂ ୧୯୫୩ ପରେ ଆମେରିକାର ରାଷ୍ଟ୍ରପତି ଆଇଜନହାବାର(Esenhower) ତାଇୱାନକୁ ଆମେରିକାର ସୈନ୍ୟ ଦ୍ୱାରା ସଶସ୍ତ୍ରୀକରଣ କରିବା ପାଇଁ ଅନୁମତି ଦେଇଥିଲେ ।

୧୯୫୪ରେ ଚୀନ ଲୋକତାନ୍ତ୍ରୀକ ଗଣରାଜ୍ୟ (ଚୀନ) ଘୋଷଣା କଲା ଯେ ତାଇୱାନକୁ (ଆମେରିକା କବଳରୁ) ମୁକ୍ତ କରାଯିବା ଆବଶ୍ୟକ । ଏଥି ସହିତ ସେ ସୈନ୍ୟଚାଳନା ମଧ୍ୟ



ଟିପ୍ପଣୀ



ଆରମ୍ଭ କରିଥିଲା । ଏହି କାରଣରୁ ଆମେରିକା ପରମାଣୁ ଅସ୍ତ୍ର କ୍ଷେପଣର ଧମକ ଦେବାରୁ ଉଭୟଙ୍କ ମଧ୍ୟରେ ଯୁଦ୍ଧ ଅନିର୍ବାଯ୍ୟ ବୋଲି ମନେହେଲା । ଏ ପରିସ୍ଥିତିରେ ଚୀନ ପଛକୁ ହଟିବା ପାଇଁ ପ୍ରୟାସ କରିଥିଲା ଏବଂ ନାଟୋ ରାଷ୍ଟ୍ରମାନେ ଆମେରିକା ଦ୍ୱାରା ପରମାଣୁ ଅସ୍ତ୍ରର ବ୍ୟବହାରକୁ ବିରୋଧ କରିଥିଲେ । ଏହି ସମୟରେ ଚୀନ ନେତାମାନେ ବିଶ୍ୱାସ କରୁଥିଲେ ଯେ ପରମାଣୁ ହତିଆରକୁ ଲମ୍ବା ଦୂର ପର୍ଯ୍ୟନ୍ତ ନେଇ ଯିବାର ପ୍ରଣାଳୀ (ଆଇସିବିଏମ୍) କ୍ଷେତ୍ରରେ ସୋଭିଏତ୍ ସଂଘ ଦ୍ୱାରା କରାଯାଇଥିବା ଉନ୍ନତି ଦ୍ୱାରା ୟୁରୋପର ଶକ୍ତି ସନ୍ତୁଳନ ପୂର୍ବଗୋଷ୍ଠୀ (Eastern Bloc) ସପକ୍ଷରେ ଢଳି ପଡିଥିଲା । ଚୀନ ଲୋକତାନ୍ତ୍ରୀକ ରାଜ୍ୟର ନେତାମାନଙ୍କୁ ଏହା ଜଣା ନଥିଲା ଯେ ରୁଷର ସାମରୀକ ପୁନରୁତ୍‌ଥାନ ତାଙ୍କ ପାଇଁ କ'ଣ ହୋଇପାରେ । ଅନୁମାନ କରାଯାଏ ଯେ ଏହାଦ୍ୱାରା ଆମେରିକା ଦ୍ୱାରା ଚୀନକୁ ଧମକ ଦେବାର ସମ୍ଭାବନା କମି ଯାଇଥିଲା । ଯେତେବେଳେ ୧୯୫୭ରେ ଚୀନ କ୍ୟୁମୋ (Quemoy) ଉପରକୁ ବୋମା ବୃଷ୍ଟି କରିଥିଲା, ସେତେବେଳେ ରୁଷ ହିଁ ଚୀନକୁ ସେଥିରୁ ନିବୃତ୍ତି କରିବା ପାଇଁ ଚାପ ସୃଷ୍ଟି କରିଥିଲା । ଅନ୍ତତଃ ରୁଷ ଏବଂ ଚୀନ ମଧ୍ୟରେ ଏକ ସିଧା ସଳଖ ଯୁଦ୍ଧରୁ ବଞ୍ଚି ଯାଇଥିଲେ କିନ୍ତୁ ରୁଷ ଏବଂ ଆମେରିକା ଉପରେ ଚୀନ ସାମ୍ୟବାଦୀ ସନ୍ଦେହ ଆହୁରି ବଢି ଯାଇଥିଲା ।

୧୯ଶ ଶତାବ୍ଦୀର ମଧ୍ୟ ଭାଗରେ ବ୍ରିଟିଶ ଏବଂ ଫ୍ରାନ୍ସ ଦ୍ୱାରା ସୁଏଜ କେନାଲର ନିର୍ମାଣ କରାଯାଇଥିଲା । ସୁଏଜ୍ କେନାଲ କମ୍ପାନୀ ପାଖରେ ୧୮୬୯ଠାରୁ ୯୯ ବର୍ଷ ପର୍ଯ୍ୟନ୍ତ ଉକ୍ତ କମ୍ପାନୀର ସଞ୍ଚାଳନ କରିବା ତଥା ସେଠାରୁ ଲାଭ ଉଠାଇବାର ଅଧିକାର ରହିଥିଲା । ୧୯୫୬ରେ ମିଶର (Egypt) ଦ୍ୱାରା ସୁଏଜ କେନାଲକୁ ରାଷ୍ଟ୍ରୀୟ କରଣ କରିବା ଅର୍ଥାତ୍ ଏହାକୁ ମିଶରର ରାଷ୍ଟ୍ରର ଅଂଶ ବନାଇବା ପାଇଁ ସିଦ୍ଧାନ୍ତ ଦ୍ୱାରା ଏକ ସଙ୍କଟ ଦେଖା ଦେଇଥିଲା । ବ୍ରିଟେନ, ଫ୍ରାନ୍ସ ଏବଂ ଇସ୍ରାଏଲ, ମିଶର ବିରୁଦ୍ଧରେ ମିଳିତ ସୈନ୍ୟ ଅଭିଯାନ ପାଇଁ ପ୍ରସ୍ତୁତି କରିଥିଲେ । ଆମେରିକା ଉକ୍ତ ସୈନ୍ୟ ଶକ୍ତି ପ୍ରୟୋଗର ବିରୁଦ୍ଧରେ ଥିଲା । କିନ୍ତୁ ଇସ୍ରାଏଲ, ବ୍ରିଟେନ ଏବଂ ଫ୍ରାନ୍ସ ସହିତ ଏକତ୍ର ହୋଇ ମିଶର ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲେ । ଏଥିପାଇଁ ଆମେରିକା ନିଜ ମିତ୍ର ରାଷ୍ଟ୍ରମାନଙ୍କୁ ନିନ୍ଦା କରିବା ପାଇଁ ବାଧ୍ୟ ହୋଇଥିଲା ଏବଂ ଶୀତଳ ଯୁଦ୍ଧ ଆରମ୍ଭ ହେବା ପରେ ପ୍ରଥମ ଥର ପାଇଁ ଆମେରିକା ଏବଂ ରୁଷ ଏହି ବିଷୟ ପାଇଁ ଏକତ୍ରୀତ ହୋଇଥିଲେ । ବ୍ରିଟେନ ଏବଂ ଫ୍ରାନ୍ସକୁ ଉକ୍ତ କେନାଲ ପାଇଁ ସଂଯୁକ୍ତ ରାଷ୍ଟ୍ରର ଶାନ୍ତି ସେନାକୁ ସ୍ୱୀକାର କରିବାକୁ ପଡିଥିଲା । ଫ୍ରାନ୍ସ ଯିଏ ଏପର୍ଯ୍ୟନ୍ତ ଆମେରିକା ସୁରକ୍ଷା ଗୋଷ୍ଠୀ ଠାରୁ ଅଲଗା ରହିବା ପାଇଁ ଆଶା କରିଥିଲା ତାର ସାମ୍ରାଜ୍ୟର ପତନ "ସୁଏଜ୍ ସଙ୍କଟ" ପରେ ପରେ ତୀବ୍ରତାର ସହିତ ବୃଦ୍ଧି ହୋଇଥିଲା । ବ୍ରିଟେନ ମଧ୍ୟ ଏବେ ସାମାନ୍ୟ ତମ ଦ୍ୱିତୀୟ ଶ୍ରେଣୀୟ ଶକ୍ତି ହିସାବରେ ଆମେରିକାର ଏକ କନିଷ୍ଠ ବନ୍ଧୁ ରୂପରେ ନିଜକୁ ପ୍ରତିପାଦିତ କରିଥିଲା ।

କ୍ୟୁବାରେ ଫାଇଡେଲ କେଷ୍ଟ୍ରୋ (Fidel Castro) ଅନେକ ବର୍ଷ ପର୍ଯ୍ୟନ୍ତ ସଂଘର୍ଷ କରିବା ପରେ ୧୯୫୯ରେ କ୍ଷମତା ପ୍ରାପ୍ତ କରିଥିଲେ । ଖୁବ୍ ଅଳ୍ପ ବର୍ଷ ମଧ୍ୟରେ ସେ କ୍ୟୁବାର ସୋଭିଏତ୍ ସଂଘ ସହିତ ଘନିଷ୍ଠ ସମ୍ପର୍କ ସ୍ଥାପନ କରିଥିଲେ । ଏଣୁ ଆମେରିକା କ୍ୟୁବା ସହିତ କୂଟ ନୈତିକ ସମ୍ପର୍କ କାଟି ଦେଇଥିଲା ଓ କ୍ୟୁବାରୁ ଚିନି କିଣିବାକୁ ମନା କରି ଦେଇଥିଲା । ଏହା ବ୍ୟତୀତ

କ୍ୟୁବାରୁ ନିର୍ବାସିତ ହୋଇ ଆମେରିକାରେ ନିର୍ବାସନ ଦଣ୍ଡ ଭୋଗୁଥିବା କେଷ୍ଟ୍ରୋ ବିରୋଧି ଲୋକମାନଙ୍କୁ ଆମେରିକା ସହଯୋଗ କରି ୧୯୬୧ରେ କ୍ୟୁବା ବିରୁଦ୍ଧରେ ହୋଇଥିବା ଅଭିଯାନକୁ ସାହାଯ୍ୟ କରିଥିଲା । ନିର୍ବାସିତ କ୍ୟୁବାୟମାନେ ପିଗ୍ ସମୁଦ୍ରରେ (Pig Sea) ଅବତରିବାର ଯୋଜନା କରିଥିଲେ କିନ୍ତୁ କ୍ୟୁବାର ଜନତାଙ୍କ କୌଣସି ସହଯୋଗ ନ ପାଇବାରୁ ଏ ଅଭିଯାନ ସମ୍ପୂର୍ଣ୍ଣ ଭାବେ ଅସଫଳ ହୋଇଥିଲା । ଏଥିପାଇଁ ସୋଭିଏତ୍ ସଂଘ କ୍ୟୁବାରେ ଏକ ପରମାଣୁ ବୋମା ନିକ୍ଷେପକାରୀ ବିମାନ ଏବଂ ଭୂମିପୃଷ୍ଠରୁ ଭୂମିକୁ ନିକ୍ଷେପକାରୀ ମିସାଇଲ ସ୍ଥାପନ କରିଥିଲା । (ଏଥି ମଧ୍ଯରୁ କେତେକ ଆମେରିକାଠାରୁ ମାତ୍ର ୧୫୦ କି.ମି. ଦୂରତ୍ୱରେ) । ଏଥି ସହିତ ସୋଭିଏତ୍ ସଂଘ ଏକ ଡର୍ଜନ (Dozen) ଦୀର୍ଘ ଦୂରତ୍ୱକୁ କ୍ଷେପଣ କରିପାରୁଥିବା ମିସାଇଲ କ୍ୟୁବାକୁ ପଠାଇଥିଲା (୧୯୪୯ ମସିହାରୁ ତୁର୍କୀ, ନରୱେ ଏବଂ ସୋଭିଏତ୍ ସଂଘକୁ ସିଧାସଳଖ ଭାବେ ସଂଯୋଗ କରୁଥିବା ଅଞ୍ଚଳମାନଙ୍କରେ ଆମେରିକା ପରମାଣୁ ବୋମା ନିକ୍ଷେପକାରୀ ବିମାନ ଏବଂ ମିସାଇଲ ଘାଟି ସ୍ଥାପନ କରି ସାରିଥିଲା ।)

ଏହାର ପ୍ରତିବଦଳରେ ଆମେରିକା କ୍ୟୁବାକୁ ଅବରୋଧ କରିବା ପାଇଁ ଘୋଷଣା କରିଥିଲା । ଏହି ପରିପ୍ରେକ୍ଷୀରେ ଦୁଇ ମହାଶକ୍ତି ମଧ୍ୟରେ ଯୁଦ୍ଧ ହେବାର ପ୍ରବଳ ସମ୍ଭାବନା ଦେଖା ଦେଇଥିଲା । ପ୍ରାଥମିକ ପର୍ଯ୍ୟାୟରେ ସୋଭିଏତ୍ ସଂଘ ଅବରୋଧକୁ ନିନ୍ଦା କରିଥିଲା କିନ୍ତୁ ପରବର୍ତ୍ତୀ ସମୟରେ ମିସାଇଲଗୁଡିକୁ ହଟାଇ ନେବା ଏକ ସର୍ତ୍ତ ରଖିଥିଲା । ସର୍ତ୍ତଟି ହେଲା ଯେ ଆମେରିକା କ୍ୟୁବା ଉପରେ ଆକ୍ରମଣ କରିବ ନାହିଁ ଏବଂ ତୁର୍କୀରୁ ନିଜର ମଧ୍ଯ ଦୁରତ୍ୱକୁ ଭେଦ କରୁଥିବା ମିସାଇଲଗୁଡିକୁ ହଟାଇନେବ । ପ୍ରଥମ ସର୍ତ୍ତକୁ ଆମେରିକା ପୂରଣ କରିବା ପାଇଁ ରାଜି ହୋଇଥିଲା ଏବଂ ପରେ ତୁର୍କୀରୁ ନିଜର ମିସାଇଲଗୁଡିକୁ ଯୁଗୋପୋଯୋଗୀ ନୁହେଁ ବୋଲି ବାହାନା କରି ଫେରାଇ ନେଇଥିଲେ । ସମ୍ଭବତଃ ଶୀତଳ ଯୁଦ୍ଧ ସମୟରେ ଏହାହିଁ ଥିଲା ଦୁଇ ମହାଶକ୍ତିମାନଙ୍କ ମଧ୍ୟରେ ହେବାକୁ ଥିବା ପରମାଣୁ ଯୁଦ୍ଧର ସର୍ବ ବୃହତ୍ ସମ୍ଭାବନା ।

ବର୍ଲିନରୁ ସୋଭିଏତ୍ ସଂଘ ବାସ୍ତବରେ ପାଶ୍ଚାତ୍ ଶକ୍ତିମାନଙ୍କୁ ଛଅମାସ ମଧ୍ୟରେ ବର୍ଲିନ୍‌ରୁ ନିଜ ନିଜର ସୈନ୍ୟବାହିନୀକୁ ପୁରାପୁରି ଭାବରେ ନିରସ୍ତୀକରଣ କରିବା ପାଇଁ ଏକ ଚରମ ପତ୍ର ଦେଇଥିଲା ଏବଂ କହିଥିଲା ଯେ ଯଦି ଅନ୍ୟାନ୍ୟ ଦେଶମାନେ ଏହା ଅବଲମ୍ବନ କରିବେ ତେବେ ସେ ମଧ୍ୟ ନିଜର ସେନାବାହିନୀକୁ ଅପସାରଣ କରି ଆଣିବ । ଛଅ ମାସ ମଧ୍ୟରେ ଉକ୍ତ ସର୍ତ୍ତ ପୂରଣ ନହେଲେ ସୋଭିଏତ୍ ସଂଘ ପୂର୍ବ ବର୍ଲିନ୍‌ରେ ନିଜର ଅଧିଗ୍ରହଣ କ୍ଷମତାକୁ ଜର୍ମାନ୍ ପ୍ରଜାତାନ୍ତ୍ରିକ ଗଣରାଜ୍ୟ (ପୂର୍ବ ଜର୍ମାନୀ)କୁ ହସ୍ତାନ୍ତର କରିବ । ଯେତେବେଳେ ସୋଭିଏତ୍ ସଂଘର ସେନାବାହିନୀ ସହରର ଚାରିପଟକୁ ଘେରି ଯାଇଥିଲେ ସେତେବେଳେ ପଶ୍ଚିମ ବର୍ଲିନବାସୀ ଏବଂ ବିଦେଶୀ ଅଧିଗ୍ରହଣ କର୍ତ୍ତାମାନଙ୍କୁ ଏକ ଆକାଶମାର୍ଗ ମାଧ୍ୟମରେ ଯୋଗାଇ ଦିଆ ଯାଇଥିଲା । ଅତି ଶୀଘ୍ର ସୋଭିଏତ୍ ନେତାମାନେ ବୁଝି ପାରିଥିଲେ ଯେ ପାଶ୍ଚାତ୍ୟ ଶକ୍ତିମାନଙ୍କୁ ଅତି ସହଜରେ ବର୍ଲିନ ବାହାରକୁ ବିତାଡିତ କରି ହେବ ନାହିଁ । କାରଣ ତାକୁ ନିଜ ଅଧିଗ୍ରହଣରେ ରଖିବା ପାଇଁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ବେଳକୁ ନିଜର ତିନି ଲକ୍ଷ ସେନାଙ୍କୁ ବଳି ପକାଇବାକୁ ପଡିଥିଲା । ବର୍ଲିନ ସଙ୍କଟରୁ ବିଜୟ ଲାଭ କରିବା ପଶ୍ଚିମି ଶକ୍ତିମାନଙ୍କ ପାଇଁ ସହଜ ହୋଇ ନଥିଲା ।

ଟିପ୍ପଣୀ

୧୯୫୦ ଦଶକରେ ବର୍ଲିନ ମଧ୍ୟ ଦେଇ ଅନେକ ଶ୍ରମିକ ତଥା ପେଶାଦାର ଲୋକମାନେ ପୂର୍ବ ଜର୍ମାନୀରୁ ପଶ୍ଚିମ ଜର୍ମାନୀକୁ ପଳାୟନ କରିବାରୁ ସୋଭିଏତ୍ ସଂଘର ବ୍ୟସ୍ତତା ଲାଗି ରହିଥିଲା । ସେମାନେ ଯେତେବେଳେ ବର୍ଲିନର ସ୍ଥିତି ଉପରେ ପାଶ୍ଚାତ୍ୟ ଶକ୍ତିମାନଙ୍କ ଉପରେ ଚାପ ପ୍ରୟୋଗ କରିବା ଆରମ୍ଭ ହେବାରୁ ସେମାନେ ଅଧିଗ୍ରହଣର କିଛି ସର୍ତ୍ତକୁ ପରିବର୍ତ୍ତନ କରିଥିଲେ କାରଣ ଏହାଦ୍ୱାରା ଜର୍ମାନୀ ପାଇଁ ହେବାକୁ ଥିବା ଏକ ବୃହତ ଯୁଦ୍ଧକୁ ଏଡାଇ ଦିଆଯାଇ ପାରିଥିଲା । ୧୯୫୫ ପରେ ପଶ୍ଚିମ ଜର୍ମାନୀ, ଜର୍ମାନ ସଂଘୀୟ ଗଣତନ୍ତ୍ର ସଶସ୍ତ୍ରୀକରଣ ଚାଲୁ ରଖିଥିଲା ଏବଂ ଅଧିକତର ପଶ୍ଚିମୀ ଅଧିଗ୍ରହଣ କ୍ଷେତ୍ର ଉପରେ ନଜର ନିୟନ୍ତ୍ରଣ ସ୍ଥାପନ କରିଥିଲା ଏବଂ ସେଠାରେ କିଛି ସମୟ ପାଇଁ କମ୍ୟୁନିଷ୍ଟମାନଙ୍କୁ ଅପରାଧୀ ବୋଲି ଘୋଷଣା କରିଥିଲେ । ୧୯୬୧ରେ ସୋଭିଏତ୍ ସଂଘ ପୂର୍ବ ଜର୍ମାନୀରୁ ପଶ୍ଚିମ ଜର୍ମାନୀ ପଳାୟନକୁ ପ୍ରତିରୋଧ କରିବା ପାଇଁ ଏକ କଂକ୍ରୀଟର ପାଚେରୀ ନିର୍ମାଣ କରିଥିଲା । ଉକ୍ତ ବର୍ଲିନ ପାଚେରୀ ସେତେଦିନ ପର୍ଯ୍ୟନ୍ତ ଶୀତଳ ଯୁଦ୍ଧର ରାଜନୀତିର ଏକ ପ୍ରତୀକ ହୋଇ ରହିଥିଲା ଯେତେଦିନ ପର୍ଯ୍ୟନ୍ତ ସନ ୧୯୮୯-୯୦ରେ ଜର୍ମାନ୍‌ବାସୀମାନେ ଏହାକୁ ଭାଙ୍ଗି ଦେଇନଥିଲେ । ଶୀତଳ ଯୁଦ୍ଧର ଦ୍ୱିତୀୟ ପର୍ଯ୍ୟାୟରେ ଦୁଇ ମହାଶକ୍ତିମାନଙ୍କ ମଧ୍ୟରେ ଉତ୍ତେଜନା କିଛି ଅଂଶରେ ତରଳି ଯାଇଥିଲା । କିନ୍ତୁ ଅନ୍ୟ କେତେକ ଘଟଣାରେ ଯଥା ୧୯୬୨ର କ୍ୟୁବା ମିସାଇଲ ସଂଘର୍ଷ ସମୟରେ ଉତ୍ତେଜନା ବହୁପରିମାଣରେ ବୃଦ୍ଧି ପାଇଥିଲା । ପରମାଣୁ ଯୁଦ୍ଧର ସମ୍ଭାବନା ତଥା ଏହାର ଭୟାଭୟ ପରିଣାମ ଦୁଇଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାରଣ ଅଟେ ଯାହାଦ୍ୱାରା ଦୁଇ ମହାଶକ୍ତି ନିଜ ନିଜର ଚିନ୍ତାଧାରା ତଥା ଗତିପଥ ବଦଳାଇବା ପାଇଁ ବାଧ୍ୟ ହୋଇଥିଲେ ଏବଂ ଦୁଇ ଦେଶରେ ସାମରିକ ଖର୍ଚ୍ଚ କାଟ ପାଇଁ ବହୁ ଚାପ ଦେଖା ଦେଇଥିଲା ।

ଦୁଇ ମହାଶକ୍ତି ମଧ୍ୟରେ ଥିବା ସମ୍ପର୍କକୁ ସୁଧାରିବା ପାଇଁ କେତେକ ପଦକ୍ଷେପ ନିଆ ଯାଇଥିଲା । ୧୯୬୩ରେ ସୋଭିଏତ୍ ସଂଘ, ଆମେରିକା ଏବଂ ବ୍ରିଟେନ ଏକ ପରମାଣୁ ପରୀକ୍ଷଣ ପ୍ରତିବନ୍ଧ ଚୁକ୍ତି ସ୍ୱାକ୍ଷର କରିଥିଲେ । ଏଥି ସହିତ ମଧ୍ୟ ଏକମତ ହୋଇଥିଲେ ଯେ ପରବର୍ତ୍ତୀ ସମୟରେ କେବଳ ଭୂଗର୍ଭରେ ହିଁ ପରମାଣୁ ଅସ୍ତ୍ର ପରୀକ୍ଷା କରାଯିବ କାରଣ ଏହାଦ୍ୱାରା ବାତାବରଣ ପ୍ରଦୂଷଣକୁ ମଧ୍ୟ ରୋକାଯାଇ ପାରିବ । ସେହି ବର୍ଷ ମସ୍କୋ ଏବଂ ଆମେରିକା ମଧ୍ୟରେ ହଟ୍‌ଲାଇନ୍ (Hot line) କୁହାଯାଉଥିବା ଟେଲିଫୋନ ସେବାର ଆରମ୍ଭ କରାଯାଇଥିଲା କାରଣ ଏହାଦ୍ୱାରା ତତ୍‌କାଳ ସମ୍ପର୍କ ସ୍ଥାପନ କରିବା ସୁନିଶ୍ଚିତ ହୋଇ ପାରିଥିଲା ।

### ୨୫.୪-ପାଠଗତ ପ୍ରଶ୍ନ

୧. କେଉଁ ସୋଭିଏତ୍ ନେତା ୟୁରୋପକୁ ନେଇ ଉତ୍ତେଜନା କମାଇବା ସହିତ ସୋଭିଏତ୍ ବିରୋଧୀ ନେତାମାନଙ୍କର ଚିନ୍ତାଧାରାର ପରିବର୍ତ୍ତନ ପାଇଁ ଏକକାଳୀନ ପଦକ୍ଷେପ ନେଇଥିଲା ?

୨. ପି.ଆର୍.ସି.ର ପୂର୍ଣ୍ଣ ନାମ କ'ଣ ଅଟେ ?

୩. ବର୍ଲିନର ପାଚେରୀ କେବେ ଭାଙ୍ଗି ପଡିଥିଲା ?



ଟିପ୍ପଣୀ

## ୨୫.୫-ଉତ୍ତେଜନା ହ୍ରାସ-The Detente

ବର୍ତ୍ତମାନ ସୋଭିଏତ୍ ସଂଘ ଏବଂ ଆମେରିକା ମଧ୍ୟରେ ସମ୍ପର୍କ ଏକ ନୂତନ ଅଧ୍ୟାୟରେ ପ୍ରବେଶ କରିଥିଲା ଯାହାକୁ ଡିଟାଣ୍ଟ (Detente) ଅର୍ଥାତ୍ ଉତ୍ତେଜନାରେ ହ୍ରାସ କୁହାଯାଉଥିଲା । ଡିଟାଣ୍ଟ ଶବ୍ଦର ପ୍ରୟୋଗ, ପାଶ୍ଚାତ ଏବଂ ପୂର୍ବ ମଧ୍ୟରେ ଉତ୍ତେଜନାକୁ ହ୍ରାସ କରିବା ପାଇଁ କରାଯାଇଥିଲା । ଉତ୍ତେଜନା ହ୍ରାସ ପାଇଁ ଚୀନକୁ ମଧ୍ୟ ଧ୍ୟାନ ଦିଆଯାଇଥିଲା । ଆମେରିକା ଓ ଚୀନ ସମ୍ପର୍କରେ କିଛି ବର୍ଷ ହେଲା ଉତ୍ତେଜନା ଦେଖା ଦେଇଥିଲା । ଚୀନ ସହ ଉତ୍ତେଜନା ହ୍ରାସ ଏକ ମହତ୍ୱପୂର୍ଣ୍ଣ କାର୍ଯ୍ୟ ଥିଲା । ଏହି ପର୍ଯ୍ୟାୟରେ ଶୀତଳ ଯୁଦ୍ଧରେ ପରିସମାପ୍ତି ଘଟି ନଥିଲେ ମଧ୍ୟ ପରସ୍ପର ମଧ୍ୟରେ ବୁଝାମଣାରେ ବହୁ ଉନ୍ନତି ଘଟିଥିଲା । ଆମେରିକାର ଜଣେ ଅଧିକାରୀ ହେନେରୀ କିସିଞ୍ଜାର (Henery Kissinger) ଡିଟାଣ୍ଟକୁ, "ବିରୋଧି ଶକ୍ତିମାନଙ୍କ ମଧ୍ୟରେ ଶୃଙ୍ଖଳା ବିକାଶର ଏକ ଢଙ୍ଗ" ବୋଲି କହିଥିଲେ । ଲିୟୋନେଡ୍ ବ୍ରେଜନେଭ, ଯେ କ୍ୟୁବାର ମିସାଇଲ ସଙ୍କଟ ପରେ ସୋଭିଏତ୍ ସଂଘର ନେତା ରୂପେ କୃଶ୍ଚେଭଙ୍କ ଠାରୁ କ୍ଷମତା ଲାଭ କରିଥିଲେ ତାଙ୍କ ଅନୁସାରେ "ଏହା ମତଭେଦ ଏବଂ ବିବାଦକୁ ତାକତ, ଧମକ ଏବଂ ସୈନ୍ୟ ଶକ୍ତିର ବିନା ଉପଯୋଗରେ ଶାନ୍ତିପୂର୍ଣ୍ଣ ଉପାୟରେ ଆପୋଶ ଆଲୋଚନା ମାଧ୍ୟମରେ ସମାଧାନ କରିବା ପାଇଁ ଏକ ଉପାୟ ।" ଏହାର ଅର୍ଥ "ଜଣେ ଅନ୍ୟ ଜଣଙ୍କ ଉପରେ ଭରସା କରିବା ଏବଂ ଅନ୍ୟର ନ୍ୟାୟିକ ଅଧିକାରକୁ ବିଚାର କରିବା ମଧ୍ୟ ।" ଆମେରିକାର ରାଷ୍ଟ୍ରପତି ନିକ୍ସନ୍‌ଙ୍କୁ ଡିଟାଣ୍ଟର ଜନକ କୁହାଯାଏ । କିନ୍ତୁ ଏହା ଚୀନ ଏବଂ ଆମେରିକାର ସମ୍ପର୍କ ବିଷୟରେ ଅଧିକ ପ୍ରଯୁଜ୍ୟ ଥିଲା । ଯଦିଓ ନିକ୍ସନ୍ ୧୯୪୦ରୁ ୧୯୬୦ ମଧ୍ୟରେ ନିଜର ରାଜନୈତିକ ଜୀବନ ଏକ କଟ୍‌ଟର ପନ୍ଥୀ କମ୍ୟୁନିଷ୍ଟ ବିରୋଧି ହିସାବରେ ଆରମ୍ଭ କରିଥିଲେ । ୧୯୬୮ରେ ରାଷ୍ଟ୍ରପତି ହେଲାପରେ ସେ ଚୀନ୍ ସହିତ ଆମେରିକାର ସମ୍ପର୍କକୁ ସୁଧାରିବା ପାଇଁ ପ୍ରୟାସ କରିଥିଲେ ।

ଉତ୍ତେଜନା ହ୍ରାସ ପାଇଁ ଉଭୟ ରାଷ୍ଟ୍ରମାନେ ଅନେକ ଚେଷ୍ଟା କରିଥିଲେ । ୧୯୬୮ରେ ୟୁକେ, ୟୁ.ଏସ୍.ଏ. ଏବଂ ୟୁ.ଏସ୍.ଏସ୍.ଆର ମଧ୍ୟରେ ଏକ ପରମାଣୁ ଅପସାରଣ ଚୁକ୍ତି ସ୍ୱାକ୍ଷରୀତ ହୋଇଥିଲା । ଦୁଇ ମହାଶକ୍ତି ମଧ୍ୟରେ ମତାନ୍ତରର ମୁଖ୍ୟକାରଣ ଜର୍ମାନୀ ଏବଂ ବର୍ଲିନ ହୋଇଥିଲା । ୧୯୬୯ରେ ପଶ୍ଚିମ ଜର୍ମାନୀ "ଅଷ୍ଟପଲିଟିକ୍" (Ostpolitik) ନାମକ ନୀତି ଅବଲମ୍ବନ କରିଥିଲା । ଏହାର ଅର୍ଥ ହେଲା ପୂର୍ବ ପାଇଁ ନୀତି । ପଶ୍ଚିମ ଜର୍ମାନୀ ପୂର୍ବ ୟୁରୋପୀୟ ରାଷ୍ଟ୍ରମାନଙ୍କ ସହିତ ସାଧାରଣ ସମ୍ପର୍କ ପୁନଃ ସ୍ଥାପନ କରିଥିଲା । ଦୁଇ ଜର୍ମାନୀ ପରସ୍ପରକୁ ମାନ୍ୟତା ପ୍ରଦାନ କରିଥିଲେ । ଏହାଛଡା ମହାଶକ୍ତି ଦ୍ୱୟ ସ୍ୱତନ୍ତ୍ର ଜର୍ମାନୀକୁ ସ୍ୱାଧୀନ ଏବଂ ଆଇନତଃ ସ୍ୱତନ୍ତ୍ର ରାଷ୍ଟ୍ର ହିସାବରେ ମାନ୍ୟତା ଦେଇଥିଲେ । ୧୯୭୩ ମସିହାରେ ଦୁଇ ଜର୍ମାନୀ ମିଳିତ ଜାତିସଂଘରେ ଯୋଗ ଦାନ କରିଥିଲେ ।

୧୯୭୨ରେ ସୋଭିଏତ୍ ସଂଘ ଏବଂ ଆମେରିକା ସାମରିକ ପରିସୀମିତ ସନ୍ଧି (ସଲଟ୧)ରେ ସ୍ୱାକ୍ଷର କରିଥିଲେ । ଏହି ସନ୍ଧିରେ ଅସ୍ତ୍ରଶସ୍ତ୍ରରେ କୌଣସି ହ୍ରାସ ଘଟାଇ ନଥିଲା ବରଂ ଏହା ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ହେବାର ପ୍ରତିଯୋଗିତାକୁ ହ୍ରାସ କରିଥିଲା । ସୋଭିଏତ୍ ସଂଘ ଏବଂ ଆମେରିକାର ରାଷ୍ଟ୍ରପତି ମଧ୍ୟରେ ତିନିଥର ସାକ୍ଷାତକାର ହୋଇଥିଲା (ବ୍ରେଜନେଭ ଏବଂ



ଟିପ୍ପଣୀ



ନିକ୍ସନ୍) । ଆମେରିକା ମଧ୍ୟ ସୋଭିଏତ୍ ରୁଷକୁ ଗହମ ରପ୍ତାନୀ ଆରମ୍ଭ କରିଥିଲା । ଜୁଲାଇ ୧୯୭୫ରେ ହେଲସିଂକି (Helsinkim in Finland) ସମ୍ମିଳନୀରେ ପ୍ରାୟ ୩୫ଟି ରାଷ୍ଟ୍ର ଯୋଗଦାନ କରିଥିଲେ । ଏହାର ଅନ୍ତିମ ଚୁକ୍ତିଟି ଶୀତଳ ଯୁଦ୍ଧକୁ କିଛି ସମୟ ପାଇଁ କବର ଦେଇଥିଲା ବୋଲି ବିଶ୍ୱାସ କରାଯାଏ । ଉକ୍ତ ଚୁଡାନ୍ତ ଚୁକ୍ତିଟିରେ ଦଶଟି ସିଦ୍ଧାନ୍ତ ଥିଲା । ସେଥିରୁ ସର୍ବ ଗୁରୁତ୍ୱପୂର୍ଣ୍ଣଟି ହେଲା ଯେ ସମସ୍ତ ରାଷ୍ଟ୍ରମାନେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପ୍ରସ୍ତୁତ ହୋଇଥିବା ୟୁରୋପୀୟ ସୀମାରେଖାକୁ ଗ୍ରହଣ କରିଥିଲେ । ଏଣୁ ଜର୍ମାନୀର ବିଭାଜନକୁ ଗ୍ରହଣ କରାଯାଇଥିଲା । ସାମ୍ୟବାଦୀ ଦେଶମାନେ ନିଜର ଜନସାଧାରଣଙ୍କୁ ବାକ୍ ସ୍ୱାଧୀନତା ଏବଂ ଦେଶ ଛାଡିବାର ସ୍ୱାଧୀନତା ସହିତ "ମାନବାଧିକାର" ମଧ୍ୟ ପ୍ରଦାନ କରିଥିଲେ ।

ଡିଟେଣ୍ଟ ଯୁଗରେ ୟୁଏସ୍ଏ ଏବଂ ଚୀନ ମଧ୍ୟରେ ଥିବା ସମ୍ବନ୍ଧରେ ଅନେକ ଉନ୍ନତି ଦେଖା ଦେଇଥିଲା । ରାଷ୍ଟ୍ରପତି ନିକ୍ସନ୍ ଏବଂ ରାଷ୍ଟ୍ର ସଚିବ ହେନେରୀ କିସିଞ୍ଜାର ଚୀନ ସହିତ ସମ୍ପର୍କକୁ ସୁଧାରିବା ପାଇଁ ଅନେକ ପ୍ରୟାସ କରିଥିଲେ । ୧୯୭୧ରେ ତାଇୱାନକୁ ବହିଷ୍କାର କରାଯାଇ ଚୀନ ମିଳିତ ଜାତିସଂଘର ସଭ୍ୟ ହିସାବରେ ସାମିଲ ହୋଇଥିଲା । ୧୯୭୮ରେ ଆମେରିକା ଜାତୀୟବାଦୀ ଚୀନଠାରୁ ନିଜର ମାନ୍ୟତାକୁ ରଦ୍ଦ କରିବା ସହିତ ୧୯୭୯ରେ କମୁନିଷ୍ଟ ଚୀନକୁ ମାନ୍ୟତା ପ୍ରଦାନ କରିଥିଲା ଏବଂ ପରସ୍ପର ମଧ୍ୟରେ ରାଷ୍ଟ୍ରଦୂତଙ୍କୁ ନିଯୁକ୍ତି ଦେଇଥିଲେ ।

### ୨୫.୫-ପାଠଗତ ପ୍ରଶ୍ନ

୧. ଡିଟେଣ୍ଟ କ'ଣ? ଏହାର ଜନକ କିଏ?

..........................................................................

୨. ଏନ୍.ପି.ଟି. କ'ଣ ଥିଲା?

..........................................................................

୩. ସଲ୍ଟ-୧ କ'ଣ ଥିଲା?

..........................................................................

୪. ଅଷ୍ଟୋପଲିଟିକ୍ ନୀତି କ'ଣ ଅଟେ?

..........................................................................

---

### ୨୫.୬-ନୂତନ ଶୀତଳ ଯୁଦ୍ଧ

ହେଲସିଂକି ସମ୍ମିଳନୀ ପରେ ଡିଟେଣ୍ଟର ପ୍ରକ୍ରୀୟାରେ ଶିଥିଳତା ଦେଖା ଦେଇଥିଲା । ଆମେରିକା ଏବଂ ସୋଭିଏତ୍ ସଂଘ ସମ୍ପର୍କ ଏତେ ପରିଣାମରେ ଖରାପ ହୋଇ ଯାଇଥିଲା ଯେ ୧୯୮୦ ବେଳକୁ ଶୀତଳଯୁଦ୍ଧ ପୁନଃ ଜୀବିତ ହେଲା ଭଳି ଲାଗୁଥିଲା । ଉକ୍ତ ନୂତନ ଅସ୍ଥିରତାକୁ ନୂତନ ଶୀତଳଯୁଦ୍ଧ ଆଖ୍ୟା ଦିଆଯାଇଥିଲା । ନୂତନ ଶୀତଳ ଯୁଦ୍ଧ ପୂର୍ବ ଶୀତଳ ଯୁଦ୍ଧ ଠାରୁ ଏହି ଅର୍ଥରେ ଅଲଗା ଥିଲା ଯେ ଏଥିରେ ବିଚାର ଧାରାରେ ମତଭେଦ ପରିବର୍ତ୍ତେ ଏହା ଶକ୍ତି ସନ୍ତୁଳନ ଉପରେ ଆଧାରିତ ଥିଲା । ନୂତନ ଶୀତଳ ଯୁଦ୍ଧରେ ଚୀନ୍ ଲୋକତାନ୍ତ୍ରୀକ ଗଣ ରାଜ୍ୟ ନାମରେ



ଟିପ୍ପଣୀ

ଏକ ନୂତନ ଶକ୍ତିର ଆର୍ବିଭାବ ହୋଇଥିଲା ଯାହାକୁ ପରାଜୟ କରାଯାଇ ପାରି ନଥିଲା କି ତାକୁ ହେୟ ମନେ କରି ହୋଇନଥିଲା । ୧୯୭୯ରେ ସୋଭିଏତ ସଂଘର ଆଫ୍‌ଗାନୀସ୍ଥାନରେ ହସ୍ତକ୍ଷେପ ଏକ ମହତ୍ୱପୂର୍ଣ୍ଣ ଘଟଣା ଥିଲା । ନୂତନ ଶୀତଳ ଯୁଦ୍ଧ ସମୟରେ ଦୁଇ ଦେଶ ବିଶେଷ କରି ୟୁରୋପ ବାହାରେ ନିଜ ନିଜର ପ୍ରଭାବକୁ ବୃଦ୍ଧି କରିବା ପାଇଁ ଚେଷ୍ଟା କରିଥିଲେ । ଏଥିପାଇଁ ୟୁରୋପ ବାହାରେ ଚାଲିଥିବା ସଂଘର୍ଷକୁ ଅତ୍ୟନ୍ତ ମହତ୍ୱ ପ୍ରଦାନ କରାଯାଇଥିଲା ଯାହାକି କେବେ ଦେଖିବାକୁ ମିଳି ନଥିଲା । ସୋଭିଏତ୍ ସଂଘ ପାଇଁ ଡିଟେଣ୍ଟ (Detente)ର ଅର୍ଥ ଥିଲା କେବଳ ୟୁରୋପରେ ସ୍ଥିତାବସ୍ଥା ବଜାୟ ରଖିବା । ଇଣ୍ଡୋଚୀନ, ଆଫ୍ରିକା, ଆଫଗାନୀସ୍ଥାନ ଆଦି ଦେଶମାନଙ୍କର ଉଭୟ ଶକ୍ତି ପରସ୍ପର ବିରୋଧି ଗୋଷ୍ଠୀଙ୍କୁ ସମର୍ଥନ ପ୍ରଦାନ କରିବା ଆରମ୍ଭ କରି ଦେଇଥିଲେ । ସୋଭିଏତ୍ ରୁଷ ଆଫ୍‌ଗାନୀସ୍ଥାନର ରାଷ୍ଟ୍ରପତିଙ୍କ ଆସନରେ ନିଜ ସମର୍ଥକ ଏବଂ ପସନ୍ଦ ଯୋଗ୍ୟ ରାଷ୍ଟ୍ରପତିଙ୍କୁ ବସାଇଥିଲା । ପ୍ରାୟ ଏକ ଲକ୍ଷ ସୋଭିଏତ୍ ସୈନ୍ୟମାନଙ୍କୁ ଆଫଗାନୀସ୍ଥାନରେ ଅବସ୍ଥାପିତ କରାଯାଇଥିଲା । ଆଫଗାନିସ୍ଥାନରେ ସୋଭିଏତ ସୈନ୍ୟଙ୍କ ଉପସ୍ଥିତିକୁ ଆମେରିକା ଇରାନ୍ ପ୍ରତି ବିପଦ ବୋଲି ଚିନ୍ତାକରି ନିଜର ଯୁଦ୍ଧ ଜାହାଜଗୁଡ଼ିକୁ ଉପସାଗରକୁ ସ୍ଥାନାନ୍ତରିତ କରିଥିଲା । ଏଥିସହିତ ଦୁଇ ଦେଶ ବିଳାସକାରୀ ଅସ୍ତ୍ରଶସ୍ତ୍ର ନିର୍ମାଣରେ ଲାଗିପଡ଼ିଥିଲେ । ଆମେରିକାର ରାଷ୍ଟ୍ରପତି ରୋନାଲ୍ଡ ରିଗାନ (Ronald Reegan) ନୂତନ ଅସ୍ତ୍ରଶସ୍ତ୍ର-ପ୍ରଣାଳୀର ବିକାଶ କରିବା ଯୋଜନାକୁ ସ୍ୱୀକୃତି ପ୍ରଦାନ କରିଥିଲେ । ଏହି ନୂତନ ପ୍ରଣାଳୀକୁ ସମରକୌଶଳ ପ୍ରତିରୋଧ ପ୍ରବର୍ତ୍ତନ (Strategic Defence Initiative)ବା ଏସ୍‌ଡିଆଇ (SDI) କୁହାଯାଏ । ଏହା ମଧ୍ୟ ଷ୍ଟାର ୱାର୍ସ (Star wars) ନାମରେ ଜଣାଯାଏ ।

## ୨୫.୭- ଶୀତଳ ଯୁଦ୍ଧର ପରିସମାପ୍ତି

ଅନେକ ପୂର୍ବ ୟୁରୋପୀୟ ଦେଶମାନଙ୍କରେ ସାମ୍ୟବାଦର ପରିସମାପ୍ତି ସହିତ ଶୀତଳଯୁଦ୍ଧ ମଧ୍ୟ ଶେଷ ହୋଇଥିଲା । ଉକ୍ତ ପତନ ଏତେ ପ୍ରବଳ ବେଗରେ ହୋଇଥିଲା ଯେ ସାମ୍ୟବାଦ ନିଜର ଜନ୍ମସ୍ଥାନ ସୋଭିଏତ୍ ସଂଘରୁ ମଧ୍ୟ ନିର୍ବାପିତ ହୋଇଯାଇଥିଲା । ୧୯୮୮ରେ ପୋଲାଣ୍ଡରେ ଆରମ୍ଭ ହୋଇଥିଲା ଯେତେବେଳେ ସଲିଡାରିଟି ଶ୍ରମିକ ସଂଗଠନ(Solidarity trade union)ବିଶାଳ ସରକାର ବିରୋଧି ଧର୍ମଘଟର ଡାକରା ଦେଇଥିଲା ଏବଂ ସରକାରଙ୍କୁ ମୁକ୍ତ ନିର୍ବାଚନ କରିବା ପାଇଁ ବାଧ୍ୟ କରିଥିଲା । ଉକ୍ତ ନିର୍ବାଚନରେ କମ୍ୟୁନିଷ୍ଟମାନେ ମୂଳପୋଛ ହୋଇ ଯାଇଥିଲେ । ଠିକ୍ ଏହି ପ୍ରକାର ସ୍ଥିତି ହଙ୍ଗେରୀ, ବୁଲଗେରିଆ, ରୁମାନିୟା, ଚେକୋସ୍ଲୋଭାକୀୟାରେ ମଧ୍ୟ ଦେଖିବାକୁ ମିଳିଥିଲା । ପୂର୍ବ ଜର୍ମାନୀରେ ସାମ୍ୟବାଦୀ ନେତା ଏରିକ୍ ହୋନିକେର (Eric Honecker) ପ୍ରଦର୍ଶନକାରୀମାନଙ୍କ ଉପରେ ବଳ ପ୍ରୟୋଗ କରିବା ପାଇଁ ଇଚ୍ଛା ପ୍ରକାଶ କରିବା ସତ୍ତ୍ୱେ ତାଙ୍କର ସହକର୍ମୀମାନେ ଏଥିରେ ରାଜି ହୋଇ ନଥିଲେ । ୧୯୮୯ ଶେଷ ବେଳକୁ ପୂର୍ବ ଜର୍ମାନୀର ସାମ୍ୟବାଦୀ ସରକାରଙ୍କୁ ଇସ୍ତଫା ଦେବାକୁ ପଡ଼ିଥିଲା । ୧୯୮୯ରେ ଶୀତଳ ଯୁଦ୍ଧର ପ୍ରତୀକ ଥିବା ବର୍ଲିନ ପ୍ରାଚୀରକୁ ଜନସାଧାରଣଙ୍କର ଉଲ୍ଲାସ ଉଦ୍ଦିପନା ମାଧ୍ୟମରେ ଭାଙ୍ଗି ଦିଆଯାଇଥିଲା । ବର୍ଲିନ ପ୍ରାଚୀରର ପତନ ଶୀତଳ ଯୁଦ୍ଧର ପରିସମାପ୍ତି ଘୋଷଣା କରିଥିଲା । ଯେପରିକି ଏହାର ନିର୍ମାଣକୁ ଶୀତଳ ଯୁଦ୍ଧର ପ୍ରାରମ୍ଭ ବିବେଚନା ଯାଉଥିଲା । ୧୯୯୦ ବେଳକୁ ପଶ୍ଚିମ ଜର୍ମାନୀର ମୁଦ୍ରାକୁ ପୂର୍ବଜର୍ମାନୀରେ ପ୍ରଚଳନ କରାଯାଇଥିଲା ।

ଏହାପରେ ଦୁଇ ଜର୍ମାନୀ ଏକ ହୋଇ ଯାଇଥିଲା । ପଶ୍ଚିମ ଜର୍ମାନୀର ସଂଘୀୟ ଗଣ ରାଜ୍ୟର ଚାନ୍‌ସେଲର/ସର୍ବୋଚ୍ଚ କର୍ତ୍ତାଙ୍କୁ ଏକତ୍ରୀତ ଜର୍ମାନୀର ମୁଖ୍ୟ ହିସାବରେ ନିଯୁକ୍ତି କରାଗଲା । ତାଙ୍କ ଦ୍ୱାରା ବଜାର ଉପରେ ଆଧାରିତ ଅର୍ଥ ବ୍ୟବସ୍ଥା ଏବଂ ପାଶ୍ଚାତ ରାଷ୍ଟ୍ରଭଳି ପ୍ରଜାତନ୍ତ୍ର ସରକାରକୁ ଗ୍ରହଣ କରାଯାଇଥିଲା ।

ସୋଭିଏତ୍ ସଂଘରେ ମଧ୍ୟ ସାମ୍ୟବାଦର ଅବସାନ ହୋଇଥିଲା । ମିଖାଇଲ ଗୋର୍ବାଚଭ (Mikhail Gorbachev) ନିଜର ଗ୍ଲାସନୋଷ୍ଟ (Glasnost) (ମୁକ୍ତ) ଏବଂ ପେରିଷ୍ଟ୍ରୋଇକା / ପୁନଃ ନିର୍ମାଣ (Perestorika) ଯାହାର ଅର୍ଥ ହେଲା ଆର୍ଥିକ ଏବଂ ସାମାଜିକ ସଂସ୍କାର ଭଳି ନୀତି ଦ୍ୱାରା ଦେଶକୁ ପୁନଃ ଶକ୍ତିଶାଳୀ କରିବା ପାଇଁ ଅନେକ ଚେଷ୍ଟା କରିଥିଲେ । ଏହା ସଫଳ ହୋଇ ନଥିଲା ବରଂ ୧୯୯୧ ବେଳକୁ ସୋଭିଏତ୍ ସଂଘ ଅଲଗା ଅଲଗା ଗଣରାଜ୍ୟରେ ବିଭକ୍ତ ହୋଇ ଯାଇଥିଲା । ରୁଷିଆ ଏକୁଟିଆ ପୂର୍ବ ସୋଭିଏତ୍ ସଂଘ ଭଳି ପ୍ରଭାବଶାଳୀ ହୋଇ ପାରି ନଥିଲା । ଶୀତଳ ଯୁଦ୍ଧର ପରିସମାପ୍ତି ହୋଇଥିଲା । ଅନେକ ରାଜନୈତିକ ବାଖ୍ୟାକାରମାନଙ୍କ ମତ ଅନୁସାରେ ଶୀତଳ ଯୁଦ୍ଧର ସମାପ୍ତି ସହିତ ବିଶ୍ୱର ସମସ୍ତ ସମସ୍ୟାଗୁଡିକ ମଧ୍ୟ ଉଭେଇ ଯିବ କିନ୍ତୁ ଏଥି ସହିତ ନୂଆ ସମସ୍ୟା ଏବଂ ସଂଘର୍ଷର ନୂଆ କ୍ଷେତ୍ର ମଧ୍ୟ ସୃଷ୍ଟି ହୋଇଗଲାଣି ।

## ୨୫.୬-ପାଠଗତ ପ୍ରଶ୍ନ

୧. ଏସ୍.ଡି.ଆଇ. କ'ଣ ଥିଲା ?

.................................................................................

୨. ଗ୍ଲାସନାଟ୍ ଏବଂ ପେରିଷ୍ଟ୍ରୋଇକା କ'ଣ ଅଟେ ?

.................................................................................

୩. ଶୀତଳ ଯୁଦ୍ଧର ସମାପ୍ତର ପ୍ରତୀକ କ'ଣ ଥିଲା ?

.................................................................................

## ତୁମେ କ'ଣ ଶିଖିଲ

ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ବେଳକୁ ଶୀତଳ ଯୁଦ୍ଧ ଆରମ୍ଭ ହୋଇଥିଲା । ତଥାପି ଏହାର ସଙ୍କେତ ଯୁଦ୍ଧ ସମୟରୁ ମିଳିଥିଲା । ଏହାର ପ୍ରାଥମିକ ପର୍ଯ୍ୟାୟରେ ଆମେରିକା ଏବଂ ସୋଭିଏତ୍ ସଂଘ ଦ୍ୱାରା ନିଜର ପ୍ରଭାବ ଏବଂ ବିଚାର ଧାରାକୁ ବର୍ଦ୍ଧିତ କରିବା ପାଇଁ ପ୍ରଚେଷ୍ଟା କରିଥିଲେ । ଉକ୍ତ ଦୁଇ ଶକ୍ତି ମଧ୍ୟରେ ସନ୍ଦେହ ଏବଂ ଅବିଶ୍ୱାସ ପୁରି ରହିଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଦୁଇ ମହାଶକ୍ତି ମଧ୍ୟରେ ଉତ୍ତେଜନା କିଛି ପରିମାଣ ହ୍ରାସ ପାଇଥିଲା । ଏହା ସତ୍ତ୍ୱେ ସନ୍ଦେହ ଓ ଅବିଶ୍ୱାସ ପୁରି ରହିଥିଲା । ଡିଟେଣ୍ଟର ତୁରନ୍ତ ପରେ ପରେ ନୂତନ ଶୀତଳ ଯୁଦ୍ଧର ଆରମ୍ଭ ହୋଇଥିଲା । ଏହି ସମୟରେ ଚୀନ ଲୋକତାନ୍ତ୍ରୀକ ଗଣରାଜ୍ୟ ନାମରେ ଏକ ନୂତନ ଶକ୍ତିର ଆବିର୍ଭାବ ହୋଇଥିଲା । ପୂର୍ବ ୟୁରୋପୀୟ ଦେଶ ତଥା ରୁଷରେ ସାମ୍ୟବାଦର ପରିସମାପ୍ତି ପରେ ଶୀତଳ ଯୁଦ୍ଧ ଶେଷ ହୋଇଥିଲା ।

## ପଠାନ୍ତ ପ୍ରଶ୍ନ

୧. ଶୀତଳ ଯୁଦ୍ଧ କହିଲେ କ'ଣ ବୁଝ ? ଏହା ଖୋଲା ଯୁଦ୍ଧଠାରୁ କି ପ୍ରକାର ଅଲଗା ଥିଲା ?

୨. ଶୀତଳ ଯୁଦ୍ଧର କାରଣମାନ ଉଲ୍ଲେଖ କର ।

୩. ଶୀତଳ ଯୁଦ୍ଧର ପ୍ରଥମ ସୋପାନରେ ପୋଲାଣ୍ଡର ଭୂମିକା ଉପରେ ଉଲ୍ଲେଖ କର ।

୪. ବର୍ଲିନ ଅବରୋଧର ଅର୍ଥ କ'ଣ ?

୫. ଶୀତଳ ଯୁଦ୍ଧର ଦ୍ୱିତୀୟ ପର୍ଯ୍ୟାୟରେ ସୁଏଜକେନାଲ ସଙ୍କଟ ଉପରେ ଆଲୋଚନା କର ।

୬. ଶୀତଳ ଯୁଦ୍ଧର ଡିଟେଣ୍ଟ ପର୍ଯ୍ୟାୟ ଆଲୋଚନା କର ।

୭. ନୂତନ ଶୀତଳ ଯୁଦ୍ଧ କ'ଣ ? ଶୀତଳ ଯୁଦ୍ଧ ଠାରୁ ଏହା କିପରି ଭାବରେ ଅଲଗା ?

## ପାଠଗତ ପ୍ରଶ୍ନର ଉତ୍ତର

**୨୫.୧**

୧. ରାଜନୈତିକ ଏବଂ ଆର୍ଥିକ ଉଦାରୀକରଣ ଏବଂ ମାର୍କ୍ସବାଦ-ଲେନିନବାଦ୍ ।

୨. ଭଏସ୍ ଅଫ୍ ଆମେରିକା ଏବଂ ରେଡିଅ ମସ୍କୋ ।

**୨୫.୨**

୧. ୨୫.୨ର ତୃତୀୟ ପାରା ଦେଖ

୨. ୨୫.୨ର ତୃତୀୟ ପାରା ଦେଖ

୩. ୨୫.୨ର ଶେଷ ପାରା ଦେଖ । ପୂର୍ବ ୟୁରୋପ, ସୋଭିଏତ୍ ସଂଘ ଦ୍ୱାରା ପଶ୍ଚିମି ୟୁରୋପ ଆମେରିକା ଦ୍ୱାରା ।

**୨୫.୩**

୧. ପୋଲାଣ୍ଡ

୨. ଚର୍ଚ୍ଚିଲ

୩. ଅବରୋଧ ନିୟନ୍ତ୍ରଣ କରିବା

୪. ନର୍ଥ ଆଟ୍ଲାଣ୍ଟିକ ଟ୍ରିଟି ଅର୍ଗାନାଇଜେସନ

**୨୫.୪**

୧. ନିକିତା କ୍ରୁଶ୍ଚେଭ

୨. ଲୋକତାନ୍ତ୍ରୀକ ପିପୁଲ୍ସ ରିପାବ୍ଲିକ୍ ଅଫ୍ ଚାଇନା

୩. ୧୯୮୯-୯୦







**୨୫.୫**

୧. ଡିଟେଣ୍ଟ ପୂର୍ବ-ପଶ୍ଚିମ ସଂଘର୍ଷକୁ କମ୍ କରିବା ପାଇଁ ପ୍ରଯୁକ୍ତ ଶବ୍ଦ । ଆମେରିକା ରାଷ୍ଟ୍ରପତି ନିକ୍ସନ୍ ଏହାର ଜନକ ।

୨. ନିଉକ୍ଲିଅର ନନ୍ ପ୍ରଲିଫିକେସନ୍ ଟ୍ରିଟି

୩. ସ୍ଥାଟାଜିକ୍ ଆର୍ମ ଲିକିଟେସନ ଟ୍ରିଟି-୧

୪. ପଶ୍ଚିମ ଜର୍ମାନୀର ନୀତି ଯାହାର ଅର୍ଥ ହେଲା ପୂର୍ବ ପାଇଁ ନୀତି ।

**୨୫.୬**

୧. ଷ୍ଟାଟେଜିକ ଡିଫେନ୍ସ ଇନିସିଏଟିଭ୍

୨. ମୁକ୍ତ ଏବଂ ପୁନଃ ନିର୍ମାଣ

୩. ବର୍ଲିନ ପାଚେରୀ ଭଙ୍ଗ

**ପାଠାନ୍ତ ପ୍ରଶ୍ନର ଉତ୍ତର**

୧. ୨୫.୧ ଦେଖ

୨. ୨୫.୨ ଦେଖ

୩. ୨୫.୩ ଅନୁଚ୍ଛେଦ ୨ ଦେଖ

୪. ୨୫.୩ ଅନୁଚ୍ଛେଦ ୫ ଦେଖ

୫. ୨୫.୪ ଅନୁଚ୍ଛେଦ ୬ ଦେଖ

୬. ୨୫.୫ ଦେଖ

୭. ୨୫.୬ ଦେଖ

**ଶବ୍ଦାବଳୀ**

କୋମିନ ଫାର୍ମ: - ସାମ୍ୟବାଦୀ ସୂଚନା ବ୍ୟୁରୋ ସୋଭିଏତ୍ ସଂଘ ୧୯୪୭ରେ ଏହାର ସ୍ଥାପନା କରିଥିଲା । ଆନ୍ତରାଷ୍ଟ୍ରୀୟ ସାମ୍ୟବାଦୀ ଏକତାର ବୃଦ୍ଧି ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

ଅସ୍ଥିବିକାଶ ଚରଣ: - ୧୯୪୫-୪୭ ମଧ୍ୟରେ ଶୀତଳ ଯୁଦ୍ଧର ପ୍ରାଥମିକ ଚରଣ ଏହାପରେ ଶୀତଳ ଯୁଦ୍ଧ ସଘନ ହୋଇଥିଲା ।

ଲୌହ ଆବରଣ: - ବ୍ରିଟିଶ ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲ ଏହାର ନିର୍ମାତା ବଲ୍‌କାନ ଅଞ୍ଚଳର ସ୍ଥିତିକୁ ବର୍ଣ୍ଣନା କରିବା ପାଇଁ ସେ ଏହାର ବ୍ୟବହାର କରିଥିଲେ । ଏଥିରେ ଗ୍ରାସ୍ ବ୍ୟତୀତ ସମସ୍ତ ଦେଶ ଋଷ ଆଧିପତ୍ୟକୁ ଆସିଥିଲେ ।

ବର୍ଲିନ ଅବରୋଧ - ସୋଭିଏତ୍ ସଂଘ ଦ୍ୱାରା ବର୍ଲିନ ଉପରେ ଲଗାଇ ଥିବା ପ୍ରତିବନ୍ଧ । ଯାହା ଦ୍ୱାରା ଏହାର ପଶ୍ଚିମ କ୍ଷେତ୍ର ସହିତ ତାର ସମ୍ପର୍କ ଅନ୍ତ



ଟିପ୍ପଣୀ

ହୋଇଥିଲା । ପାଶ୍ଚାତ୍ ମିତ୍ରମାନେ ଜର୍ମାନୀ ମୁଦ୍ରାର ସଂସ୍କାର ଆଣିବାକୁ ଚାହିଁଥିଲେ ।

ବ୍ରସେଲ ଚୁକ୍ତି - ଏହାଦ୍ୱାରା ବ୍ରିଟେନ, ଫ୍ରାନ୍ସ ଏବଂ ବେଲଜିୟମ୍ ଜର୍ମାନୀ ବିରୁଦ୍ଧରେ କରିଥିଲେ କିନ୍ତୁ ଏହା ପ୍ରକୃତରେ ସୋଭିଏତ୍ ବିରୋଧି ହୋଇଥିଲେ ।

ଟ୍ରୁମେନ ସିଦ୍ଧାନ୍ତ - ଏହା ଏକ ଅବରୋଧର ନୀତି ଅଟେ । ଏହାର ଉଦ୍ଦେଶ୍ୟ ଥିଲା ସାମ୍ୟବାଦକୁ ତା ନିଜ ପ୍ରଭାବିତ ଅଞ୍ଚଳରେ ସୀମିତ ରଖିବା ଯେଉଁଠାରେ ତାର ଚେର ବ୍ୟାପିଛି ।

ମାର୍ଶାଲ ଯୋଜନା - ଏହି ଯୋଜନା ଅନୁସାରେ ଯୁଦ୍ଧ ସମୟର କ୍ଷତିରୁ ମୁକ୍ତ ହେବା ପାଇଁ ଆମେରିକା ୨୦ ବର୍ଷରେ ୟୁରୋପୀୟ ଦେଶମାନଙ୍କୁ ୧୦ ବିଲିୟନ୍ ଡଲାରରୁ ଅଧିକ ଧନରାଶି ପ୍ରଦାନ କରିଥିଲା ।

ନାଟୋ: - ନର୍ଥ ଆଟ୍‌ଲାଣ୍ଟିକ ଟ୍ରିଟ୍ରୀ ଅରଗାନାଇଜେସନ୍ । ଆମେରିକା ଏବଂ କେତେକ ୟୁରୋପୀୟ ଦେଶମାନେ ମିଳିତହୋଇ ଏହାର ଗଠନ କରିଥିଲେ । ଏହା ସୋଭିଏତ୍ ବିରୋଧି ଏକ ସୈନ୍ୟ ସଂଗଠନ ଅଟେ ।

ଡିଟେଣ୍ଟ - ପୂର୍ବ ଏବଂ ପାଶ୍ଚାତ୍ ଦେଶମାନଙ୍କ ମଧ୍ୟରେ ଶତୃତାକୁ କମ୍ କରିବା ପାଇଁ ପ୍ରଯୁକ୍ତ ଶବ୍ଦ । ଏହାଦ୍ୱାରା ଦୁଇ ମହାଶକ୍ତି ମଧ୍ୟରେ ସମ୍ପର୍କ ଉପରେ ଅନେକ ସୁଧାର ହୋଇଥିଲା । ଏହାଦ୍ୱାରା ମଧ୍ୟ ଚୀନ ସହିତ ଆମେରିକାର ସମ୍ପର୍କରେ ଉନ୍ନତି ଘଟିଥିଲା ।

ସଲ୍ଟ ୧ - ଷ୍ଟ୍ରେଟେଜିକ୍ ଆର୍ମ ଲିମିଟେସନ ଟ୍ରୀଟି । ଆମେରିକା ଏବଂ ସୋଭିଏତ୍ ସଂଘ ମଧ୍ୟରେ ସ୍ୱାକ୍ଷରିତ ହୋଇ ପରସ୍ପର ମଧ୍ୟରେ ଅସ୍ତ୍ରଶସ୍ତ୍ରର ବିକାଶରେ ମାନ୍ଦା ଭାବ ସୃଷ୍ଟି କରିଥିଲେ ।

ଏସ୍.ଡି.ଆଇ - ଷ୍ଟ୍ରାଟେଜିକ ଡିଫେନ୍ସ ଇନିସିଏଟିଭ୍ । ଏହାକୁ ଷ୍ଟାର ଓ୍ୱାର ନାମରେ ମଧ୍ୟ ଜଣାଯାଏ । ଏହାଦ୍ୱାରା ବିନାଶର ନୂତନ ଅସ୍ତ୍ରଶସ୍ତ୍ରର ଉତ୍ପାଦନ ବୃଦ୍ଧି ହୋଇଥିଲା ।

ଗ୍ଲାସନଟ୍ସ - ଏହି ନୀତିର ଉଦ୍ଦେଶ୍ୟ ଥିଲା ମୁକ୍ତ କରିବା ଏହାକୁ ସୋଭିଏତ୍ ରାଷ୍ଟ୍ରପତି ଗୋର୍ବାଚଭ ଆରମ୍ଭ କରିଥିଲେ । ଏହାର ଉଦ୍ଦେଶ୍ୟ ଥିଲା ଦେଶକୁ ପରିବର୍ତ୍ତନ ତଥା ସୁଦୃଢ କରିବା ।

ପେରେପୋଇକା - ଗୋର୍ବାଚଭଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ନୀତିର ଉଦ୍ଦେଶ୍ୟ ଥିଲା ସାମାଜିକ ଏବଂ ଆର୍ଥିକ କ୍ଷେତ୍ରରେ ପୁର୍ନ ଗଠନ କରିବା ।

ଅଷ୍ଟୋପଲିଟିକ - ପଶ୍ଚିମ ଜର୍ମାନୀର ସରକାର ଏହାମମମମ ଆରମ୍ଭ କରିଥିଲେ । ଏହାର ଅର୍ଥ ହେଲା ପୂର୍ବ ପାଇଁ ନୀତି । ପଶ୍ଚିମ ଜର୍ମାନୀ ପୂର୍ବ ୟୁରୋପୀୟ ଦେଶମାନଙ୍କ ସହିତ ସମ୍ବନ୍ଧରେ ଉନ୍ନତି ଘଟାଇଥିଲା ଏବଂ ଦୁଇ ଜର୍ମାନୀ ପରସ୍ପରକୁ ମାନ୍ୟତା ପ୍ରଦାନ କରିଥିଲେ । ଏହା ସହିତ ମହାଶକ୍ତି ଦ୍ୱୟ ମଧ୍ୟ ଦୁଇ ଜର୍ମାନୀକୁ ସ୍ୱତନ୍ତ୍ର ଏବଂ ବୈଧ ରାଷ୍ଟ୍ରର ଆଖ୍ୟା ପ୍ରଦାନ କରିଥିଲେ ।